ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.25 Bhubaneswar Tuesday, March 01, 2022 | ୨୫ତମ ବର୍ଷ ସଂଖ୍ୟା-୨୫ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୦୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



"ଯା ନିଶା ସର୍ବ ଭୂତାନାଂ ତସ୍ୟା ଜାଗର୍ତ୍ତି ସଂଯମୀ। ଯସ୍ୟା ଜାଗ୍ରତି ଭୂତାନି ସାନିଶା ପଶ୍ୟ ତୋ ମୁନେଃ।"

## ୫୫୨ଟି ଆସନରେ ଜିତି ସାରିଲାଣି

## ବିଜେଡି, ୨୦୦ରୁ ଅଧିକରେ ଆଗୁଆ ଅଛି

ଭୁବନେଶ୍ୱର ,୨୮।୨(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ଦିନର ଭୋଟ୍ ଗଣତି ଜାରି ରହିଛି। ତେବେ ପ୍ରଥମ ଓ ଦ୍ୱିତୀୟ ଦିନର ଫଳାଫଳ ଆସିଯାଇଛି। ଖବର ଲେଖାଯିବା ସୁଦ୍ଧା ୮୫୧ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୬୨୦ଟିର ଫଳାଫଳ ଘୋଷଣା କରାଯାଇଥିବା ବେଳେ ସେଥିରୁ କେବଳ ବିଜେଡି ୫୫୨ଟିରେ ବିଜୟୀ ହୋଇଛି। ବିଜେପି ଓ କଂଗ୍ରେସକୁ ଯଥାକ୍ରମେ ୩୧ ଓ ୩୦ଟି ଆସନ ମିଳିଛି। ସେହିପରି ସ୍ୱାଧୀନ ଓ ଅନ୍ୟାନ୍ୟ ଦଳ ପ୍ରାର୍ଥୀ ୭ଟି ଆସନ ହାତେଇଛନ୍ତି।ଆଜି ତୃତୀୟ ଦିନରେ ୨୩୧ଟି ଜିଲ୍ଲା ପରିଷଦ ଜୋନ୍‌ରେ ଗଣତି ଚାଲିଛି। ସେଥିରୁ ୨୧୦ଟିରେ ବିଜେଡି ଆଗୁଆ ରହିଛି। ସେହିପରି ବିଜେପି ୧୫ ଓ କଂଗ୍ରେସ ୬ଟି ଆସନରେ ଆଗୁଆ ରହିଛନ୍ତି।ରବିବାର ଦ୍ୱିତୀୟ ଦିନରେ ୩୦୫ଟି ଜିଲ୍ଲା ପରିଷଦ ଜୋନ୍‌ର ଭୋଟ୍ ଗଣତି ଆରମ୍ଭ ହୋଇଥିଲା, ଯାହା ଆଜି ସନ୍ଧ୍ୟାରେ ଶେଷ ହୋଇଛି। ଏହି ୩୦୫ଟି ଆସନରୁ ବିଜେଡି ୨୬୦ଟିରେ ବିଜୟୀ ହୋଇଥିବା ବେଳେ ବିଜେପି ଓ କଂଗ୍ରେସ ୧୬ଟି ଲେଖାଏଁ ଆସନ ଜିତିଛନ୍ତି। ସେହିପରି ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଅନ୍ୟାନ୍ୟ ଦଳ ହାତକୁ ଯାଇଛି ୨ଟି ଆସନ।ଅନ୍ୟପକ୍ଷରେ ଶନିବାର ପ୍ରଥମ ଦିନରେ ୩୧୫ଟି ଜିଲ୍ଲା ପରିଷଦ ଜୋନ୍‌ର ଭୋଟ୍ ଗଣତି କରାଯାଇଥିବା ବେଳେ ବିଜେଡି ୨୮୨ଟିରେ ବିଜୟୀ ହୋଇଥିଲା। ବିଜେପି ଓ କଂଗ୍ରେସକୁ ଏହି ପର୍ଯ୍ୟାୟରେ ଯଥାକ୍ରମେ ୧୫ ଓ ୧୪ଟି ଆସନ ମିଳିଥିଲା। ସେହିପରି ଅନ୍ୟାନ୍ୟ ପ୍ରାର୍ଥୀଙ୍କୁ ୪ଟି ଆସନ ମିଳିଥିଲା।

## ବିଜେଡି, ବିଜେପି ଚିତ୍‌ପଟାଙ୍ଗ; ବାଜି ମାରିନେଲେ ପରିବାର ବେପାରୀ



ରାୟଗଡା,୨୮।୨(ପି.ଏନ): ପରିବା ବ୍ୟବସାୟରୁ ରାଜନୀତିକୁ ଲମ୍ବା ଡିଆଁ ମାରିଛନ୍ତି ଟି. ଶ୍ରୀଧର। ସେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡି ଓ ବିଜେପି ପ୍ରାର୍ଥୀଙ୍କୁ ଚିତ୍‌ପଟାଙ୍ଗ କରିଛନ୍ତି। ଆଉ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଜୋନ-୧କୁ ନିଜ ଅକ୍ତିଆର୍‌ରେ ରଖିଛନ୍ତି। ଶ୍ରୀଧର କଂଗ୍ରେସରୁ ପ୍ରତିଦ୍ୱନ୍ଦିତା କରି ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।ଟି. ଶ୍ରୀଧର ପେସାରେ ଜଣେ ସାଧାରଣ ପରିବା ବ୍ୟବସାୟୀ। ସକାଳ ଓ ସନ୍ଧ୍ୟାରେ ପରିବା ବିକ୍ରି କରନ୍ତି। ସେଥିରେ ଚଳେ ପୂରା ପରିବାର। ହେଲେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଜୋନ ୧ରୁ କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଥିଲେ ଟି.ଶ୍ରୀଧର। ଆଉ ଆଜି ପ୍ରକାଶ ପାଇଥିବା ଫଳାଫଳରେ ସେ ବିଜେଡି ଓ ବିଜେପିକୁ ପରାସ୍ତ କରିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।ବିଜେଡି ପ୍ରାର୍ଥୀଙ୍କୁ ପଛରେ ପକାଇ ଶ୍ରୀଧର ବାଜି ମାରି ନେଇଛନ୍ତି। ବିଜେଡି ପ୍ରାର୍ଥୀଙ୍କୁ ସେ ୨୫୦ରୁ ଅଧିକ ଭୋଟ୍ ?ରେ ହରାଇ ହରାଇଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ପାଇଁ ନିର୍ବାଚନରେ ତ୍ରିମୁଖି ଲଢେଇ ହୋଇଥିଲା। ତେବେ ପରିବା ବ୍ୟବସାୟୀ ଟି. ଶ୍ରୀଧର ବିଜେଡି ଓ ବିଜେପି ପ୍ରାର୍ଥୀଙ୍କୁ ପଛରେ ପକାଇ ବିଜୟୀ ଲାଭ କରିଛନ୍ତି।ଜିତିବା ପରେ ଶ୍ରୀଧର କହିଛନ୍ତି, କଂଗ୍ରେସରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଲଢ଼ିଥିଲି। ରାମନାଗୁଡାର ମୁଁ ଜଣେ ଛୋଟ ପରିବା ବ୍ୟବସାୟୀ। ଚାଷୀଙ୍କଠୁ ପରିବା ଆଣି ମୁଁ ବିକ୍ରି କରେ। ବର୍ତ୍ତମାନ ଜିଲ୍ଲା ପରିଷଦ ସଭ୍ୟ ଭାବେ ବିଜୟ ଲାଭ କରିଛି। ଗରିବମାନଙ୍କ ପାଇଁ ସେବା କରିବି। ଲୋକମାନେ ଯେଉଁଭଳି ଭାବେ ମୋତେ ସମର୍ଥନ କରି ଭୋଟ୍ ଦେଇ ଜିତାଇଛନ୍ତି, ଏଥିପାଇଁ ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀଧର କହିଛନ୍ତି।

## ମାର୍ଚ୍ଚ ମାସ ପାଇଁ କୋଭିଡ୍ ଗାଇଡ୍ ଲାଇନ୍

### - ରାଜ୍ୟବ୍ୟାପୀ ହୋଲି ପାଳନ ଉପରେ କଟକଣା - ମେଳା , ପ୍ରଦର୍ଶନୀକୁ ଅନୁମତି
### - ବିବାହରେ ୫୦୦ , ଅନ୍ତ୍ୟେଷ୍ଟିରେ ୨୫୦ ଲୋକ ସାମିଲ ହୋଇପାରିବେ

ଭୁବନେଶ୍ୱର, ୨୮।୨(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣ ବହୁ ପରିମାଣରେ ହ୍ରାସ ପାଇଛି। ଏହା ମଧ୍ୟରେ ସୋମବାର ରାଜ୍ୟ ସରକାର ମାର୍ଚ୍ଚ ମାସ ପାଇଁ କୋଭିଡ୍ ଗାଇଡଲାଇନ୍ ଜାରି କରିଛନ୍ତି। ମାର୍ଚ୍ଚ ମାସରେ ମହାଶିବରାତ୍ରି, ଦୋଳ ପୂର୍ଣ୍ଣିମା ଓ ହୋଲି ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ପରାମର୍ଶ ଜାରି କରିଛନ୍ତି। ଗତବର୍ଷ ଭଳି ଚଳିତ ଥର ମଧ୍ୟ ସର୍ବସାଧାରଣସ୍ଥଳରେ ଲୋକେ ହୋଲି ଖେଳିପାରିବେ ନାହିଁ। ସରକାର ସର୍ବସାଧାରଣସ୍ଥଳରେ ହୋଲି ଖେଳିବା ଉପରେ କଟକଣା ଜାରି କରିଛନ୍ତି। ଲୋକେ ନିଜ ପରିବାର ଲୋକଙ୍କ ସହିତ ଘର ଭିତରେ ହୋଲି ଖେଳିପାରିବେ। ସେହିପରି ସାଧାରଣ ଲୋକ ଯାତାୟତ କରୁଥିବା ରାସ୍ତାରେ ମଧ୍ୟ ରଂଗ ଖେଳିପାରିବେ ନାହିଁ। ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିସନର କଟକଣା ଲଗାଇ ପାରିବେ।ନୂତନ ଗାଇଡଲାଇନ୍ ଅନୁସାରେ ୨୦୨୨ ମାର୍ଚ୍ଚ ୧ ତାରିଖ ସକାଳ ୫ଟାରୁ ୩୧ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ କଟକଣା ଉଠାଇ ଦିଆଯାଇଛି। କିନ୍ତୁ ଅନ୍ ଲକ୍ ସମୟରେ ସମସ୍ତ କାର୍ଯ୍ୟକ୍ରମ କୋଭିଡ-୧୯ କଟକଣା ସହିତ କରାଯିବ। ସାମାଜିକ, ଧାର୍ମିକ, ରାଜନୈତିକ ଓ କ୍ରୀଡ଼ା ସମାବେଶରେ କରୋନା କଟକଣା ନିୟମ ମାନିବାକୁ ହେବ।ସେହିପରି ପ୍ରଦର୍ଶନୀ, ବାଣିଜ୍ୟ ମେଳା, ଏକ୍ସପୋ ମଧ୍ୟ କୋଭିଡ କଟକଣା ଅନୁସାରେ ହେବ। ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ ନିର୍ବାଚନ ରାଲି ହେବ। ସେହିଭଳି ବିବାହ, ବ୍ରତ ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମରେ ସର୍ବାଧିକ ୫୦୦ ଜଣଙ୍କୁ ଅନୁମତି ମିଳିବ। ଅନ୍ତ୍ୟେଷ୍ଟିକ୍ରିୟାରେ ୨୫୦ ଲୋକ ସାମିଲ ହୋଇପାରିବେ। ବିବାହ ଶୋଭାଯାତ୍ରାରେ ସର୍ବାଧିକ ୧୦୦ ଜଣ ଯୋଗଦେଇପାରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକାରେ ପ୍ରକାଶ ପାଇଛି।ଏହାବ୍ୟତୀତ ସର୍ବସାଧାରଣ ସ୍ଥାନ, ସାର୍ବଜନୀନ ବାହନରେ ଯିବାବେଳେ ଓ କର୍ମସ୍ଥଳୀରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ସର୍ବସାଧାରଣ ସ୍ଥାନରେ ସର୍ବନିମ୍ନ ୬ଫୁଟର ସାମାଜିକ ଦୂରତ୍ୱ ରଖିବାକୁ କୁହାଯାଇଛି । ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ନିୟମ ଅନୁସାରେ ଜୋରିମାନା ସହ ଦଣ୍ଡିତ ହେବାକୁ ପଡ଼ିବ । ସର୍ବସାଧାରଣରେ ମଦ ପାନ କଲେ ମଧ୍ୟ ଅନୁରୂପ ଦଣ୍ଡ ଭୋଗିବାକୁ ହେବ । ସର୍ବସାଧାରଣ ସ୍ଥାନରେ ପାନ, ଗୁଟଖା, ତମାଖୁ ଓ ସେସବୁ ଉତ୍ପାଦ ସେବନ ଉପରେ କଟକଣା ଜାରି ହୋଇଛି ।

## ୨ ବର୍ଷ ପରେ ଖୋଲିଲା ପ୍ରଥମରୁ ସପ୍ତମ ସ୍କୁଲ

ଭୁବନେଶ୍ୱର, ୨୮।୨(ପି.ଏନ): ଦୀର୍ଘ ୨ ବର୍ଷ ପରେ ସ୍କୁଲ ଗଲେ ପ୍ରଥମରୁ ସପ୍ତମ ଶ୍ରେଣୀ ପିଲା। କିଛି ପିଲା ବହୁ ଦିନ ପରେ ସ୍କୁଲଯାଇ ଉତ୍ସାହିତ ଜଣାପଡୁଥିବା ବେଳେ କିଛି ପିଲା ନୂଆ କରି ସ୍କୁଲ ଯାଇଛନ୍ତି। ପିଲାଙ୍କୁ ପାଠ ବୋଝ ନଦେବାକୁ ସ୍କୁଲ ଗୁଡିକରେ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି । ଏହି ସପ୍ତାହରେ କେବଳ ପିଲାଙ୍କ ଆକ୍ଟିଭିଟି କ୍ଲାସ ହେବ। ଏହି ୬ ଦିନ ଖେଳକୁଦ, ନାଚ, ଗୀତ, ବିଭିନ୍ନ ପ୍ରତିଯୋଗିତା ଆଦି ଆକ୍ଟିଭିଟି ମାଧ୍ୟମରେ ପିଲାଙ୍କୁ ସ୍କୁଲ ସହିତ ବାନ୍ଧି ରଖାଯିବ।

## ଗୋଟିଏ ଦିନରେ ୧୭୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭୧ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୫୦୩୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୩୩୦୪ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୧୦ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୭୧ ଜଣଙ୍କ ମଧ୍ୟରୁ ୯୮ଜଣ ସଂଗରୋଧରୁ ହୋଇଥିବା ବେଳେ ୭୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ସବୁଠାରୁ ଅଧିକ ୨୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫ , ବାଲେଶ୍ୱର ଜିଲ୍ଲାରୁ ୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୨ ଭଦ୍ରକ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧ , କଟକରୁ ୬ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୩ ଓ ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୪, ଗଂଜାମ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩, ଯାଜପୁରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଖୋର୍ଦ୍ଧାରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।


## ବସନ୍ତ ସାମାଜିକ ଫାଉଣ୍ଡେସନ ପକ୍ଷରୁ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ




ନୂଆଦିଲ୍ଲୀ, ୨୮।୨(ପି.ଏନ): ନୂଆଦିଲ୍ଲୀସ୍ଥିତ ବସନ୍ତ ସାମାଜିକ ଫାଉଣ୍ଡେସନ ତରଫରୁ ଓଡ଼ିଶାରେ ଥିବା ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକରେ କେତେଗୁଡ଼ିଏ ସରକାରୀ ହାଇସ୍କୁଲରେ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରୀକୃତ ହୋଇଛି। ଏହି ଉଦ୍ଦେଶ୍ୟରେ ପ୍ରାଥମିକ ପର୍ଯ୍ୟାୟରେ ବ୍ଲକରେ ଥିବା ୫ଟି ସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରାଯାଇଛି। ଟ୍ରଷ୍ଟର ଅଧକ୍ଷା ଶ୍ରୀମତୀ ରାଜଶ୍ରୀ ମିଶ୍ର ନିକଟରେ ୪ଟି ସ୍କୁଲକୁ ଗସ୍ତକରି ଏବାବଦ ସମସ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହିସବୁ ସ୍କୁଲମାନଙ୍କରେ ପାଠ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରିବା ସହ ଉଚ୍ଚ ଶିକ୍ଷା ପାଇଁ ନିରନ୍ତର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହିସବୁ ସ୍କୁଲମାନଙ୍କରେ ଅଗ୍ରଣୀ ନମ୍ବର ରଖୁଥିବା ତିନିଜଣ ଲେଖାଏଁ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଷ୍ଟ ତରଫରୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଅଧକ୍ଷା ଶ୍ରୀମତୀ ମିଶ୍ର କହିଛନ୍ତି। ସେ ସ୍କୁଲଗୁଡ଼ିକ ହେଲା ଯଥାକ୍ରମେ ମନମୁଣ୍ଡା, ଗୁଡ଼ିଗେଲି ପଦର, ବିଳାସପୁର, ଘଣ୍ଟପଡ଼ା ଓ କଣ୍ଟାଳ ସରକାରୀ ଉଚ୍ଚ ବିଦ୍ୟାଳୟ। ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଏହି ସବୁ ସ୍କୁଲ ଓଡ଼ିଶା ସରକାରଙ୍କ ୫ଟି ଅଧିନରେ ସାମିଲ ହୋଇ ସମ୍ପୂର୍ଣ୍ଣ ରୂପେ ନୂଆ ରୂପ ପାଇଛି। ପିଲାମାନଙ୍କ ସହ ମତ ବିନିମୟ ସମୟରେ ଶ୍ରୀମତୀ ମିଶ୍ର ପ୍ରକାଶ କରିଥିଲେ ଯେ ମନମୁଣ୍ଡା ହାଇସ୍କୁଲକୁ ଗତ ଦଶ ବର୍ଷ ଧରି ଏହି ଆର୍ଥିକ ସହାୟତା ଦିଆଯାଇ ପାରିନଥିଲା। କାଳକ୍ରମେ ଏହି ଯୋଜନାକୁ ସମଗ୍ର ବୌଦ୍ଧ ଜିଲ୍ଲାକୁ ସମ୍ପ୍ରସାରିତ କରିବାର ଲକ୍ଷ୍ୟ ଅଛି ବୋଲି ଟ୍ରଷ୍ଟ ତରଫରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଡ଼ିଭେଲିପଦର ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ଅକ୍ଷୟ ପଣ୍ଡା, ବିଳାସପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ଚଣ୍ଡି ପ୍ରସାଦ ବେହେରା, ଘଣ୍ଟପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ପୀତବାସ ପଣ୍ଡା ଓ କଣ୍ଟାମାଳ ହାଇସ୍କୁଲର ସହକାରୀ ପ୍ରଧାନଶିକ୍ଷକ ଶିକ୍ଷୟତ୍ରୀ ଶ୍ରୀମତୀ ହେମବନ୍ତୀ ବାଗ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହିସବୁ ବିଦ୍ୟାଳୟମାନଙ୍କର ପୁରାତନ ଛାତ୍ରଛାତ୍ରୀମାନେ 'ମୋ ସ୍କୁଲ' ଅଭିଯାନରେ ମଧ୍ୟ ସାମିଲ ହୋଇ ନିଜ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତ ସହଯୋଗ କରିଆସୁଛନ୍ତି ଯାହାକି ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି।

## ୟୁକ୍ରେନ୍ ଫେରନ୍ତା ଓଡିଆ ଛାତ୍ରଛାତ୍ରୀଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୨(ପି.ଏନ): ଆପଣାମାନେ ସମସ୍ତେ ନିରାପଦରେ ଫେରିଆସିଥିବାରୁ ମୁଁ ଆଶ୍ୱସ୍ତ । ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୟୁକ୍ରେନରୁ ଫେରି ଆସି ନୂଆଦିଲ୍ଲୀରେ ଥିବା ଓଡିଆ ଛାତ୍ରଛାତ୍ରୀଙ୍କ ସହିତ ଅନଲାଇନ ଜରିଆରେ ଆଲୋଚନା କରି ଏହା କହିଛନ୍ତି । ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରି ୟୁକ୍ରେନରେ ରହିଯାଇଥିବା ଅନ୍ୟ ଛାତ୍ରଛାତ୍ରୀଙ୍କ ଫେରିବା ପାଇଁ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଆ ଛାତ୍ରଛାତ୍ରୀ ମାନଙ୍କ ଫେରିବା ସଂପର୍କରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି ଏବଂ ସେ ଆଉଥରେ ମଧ୍ୟ ଏ ବିଷୟରେ କଥାବାର୍ତ୍ତା କରି ପଦକ୍ଷେପ ନେବେ ବୋଲି କହିଥିଲେ ।ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ସେମାନେ ସମସ୍ତେ ରୋମାନିଆ ସୀମା ଅତିକ୍ରମ କରି ଭାରତୀୟ ଅଧିକାରୀ ମାନଙ୍କ ସହିତ ବୁକାରେଷ୍ଟ ଯାଇଥିଲେ ଏବଂ ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ଆସିଥିଲେ । ନୂଆଦିଲ୍ଲୀରେ ଅବସ୍ଥାପିତ ରେସିଡେଂଟ କମିଶନର ସେମାନଙ୍କ ସହିତ ସବୁ ସମୟରେ ଅନ୍‌ଲାଇନ ଜରିଆରେ ଯୋଗାଯୋଗରେ ଥିଲେ। ୟୁକ୍ରେନର ଅନ୍ୟ ସ୍ଥାନରେ ଥିବା, ବିଶେଷକରି ଖାରକିବ୍ ରେ ବହୁ ଓଡିଆ ଛାତ୍ରଛାତ୍ରୀ ଅଛନ୍ତି ଓ ସେମାନଙ୍କୁ ଫେରାଇ ଆଣିବାପାଇଁ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ । ୟୁକ୍ରେନରୁ ଫେରୁଥିବା ପିଲାଙ୍କ ସୁବିଧା ପାଇଁ ମୁମ୍ବାଇ ବିମାନ ବନ୍ଦରରେ ହେଲ୍ପ ଡେସ୍କ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଭୁବନେଶ୍ୱର ରେ ପହଂଚି ବା ପରେ ପିଲାମାନଙ୍କୁ ଓଟିଡିସି ବସ୍ ଯୋଗେ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଲୋଚନାକୁ ସଂଯୋଜନା କରିଥିଲେ।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଉଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ବାଲି ନିର୍ମିତ ହୋଟେଲ୍

ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।



## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।




## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।





# ଓଡ଼ିଶାର ଶୈବକ୍ଷେତ୍ର

*କର୍ପୁର ଗୌର କରୁଣାବତାର, ସଂସାର ସାରଂ ଭୁଜଗେନ୍ଦ୍ର ହାର। (୧) ସଦା ବସନ୍ତ ହୃଦୟାରବିନ୍ଦେ, ଭବଂ ଭବାନୀ ସହିତଂ ନମାମୀ (୨)*



ସୃଷ୍ଟି ଆରମ୍ଭ ହେଲା ପରେ, ତ୍ରିମୂର୍ତ୍ତି ନାମରେ ପୂଜିତ ବ୍ରହ୍ମା ସର୍ଜନା, ବିଷ୍ଣୁ ପାଳନ ଓ ଦେବାଧିଦେବ ମହାଦେବ ବିଲୟ ଦାୟିତ୍ୱରେ ରହିଲେ । ମହାଦେବ ବା ଶିବ ଆମ ପୁରାଣାକାରଙ୍କର ଏକ ବିଚିତ୍ର କଳ୍ପନା । ଧ୍ୱଂସର ଦେବତା ହେଲେ ମଧ୍ୟ ସେ ସଦା ମଙ୍ଗଳମୟ ଶିବ, ସହଜରେ ତୋଷ ହେବାରୁ ଆଶୁତୋଷ, ମସ୍ତକରେ ଚନ୍ଦ୍ର ଧାରଣ କରିବାରୁ ଚନ୍ଦ୍ରମୌଳୀ, ପତିତପାବନୀ ଗଙ୍ଗାକୁ



ଜଟାରେ ଧରିବାରୁ ଗଙ୍ଗାଧର, ଭୟଙ୍କର ରୂପ ଧାରଣ କରୁଥିବାରୁ ରୁଦ୍ର, ଗଳାରେ ହଳାହଳ ଧାରଣ କରିବାରୁ ନୀଳକଣ୍ଠ, ଶ୍ମଶାନବିହାରୀ, ଭୋଳାନାଥ, ତ୍ରିନୟନ, ପ-ଂଚାନନ ନାମରେ ଭକ୍ତମାନଙ୍କ ଦ୍ୱାରା ପୂଜିତ । ନିଜ ଇଚ୍ଛାରେ ଆବିର୍ଭାବ ହେଉଥିବାରୁ ସେ ସ୍ୱୟମ୍ଭୁ । ତାଙ୍କର ଆଭୂଷଣ ବ୍ୟାଘ୍ର ଚର୍ମ, ଭସ୍ମ ଲେପନ ଶରୀର, ଗଳାରେ ବିଷଧର ସର୍ପର ହାର, ତାଙ୍କର ସାଥିରେ ଭୟଙ୍କର ଭୁତପ୍ରେତ, ତାଙ୍କର ବାହନ ବୃଦ୍ଧ ବଳଦ, ନିବାସ ନିର୍ଜନ ଶ୍ମଶାନ । ସମସ୍ତ ବିଲକ୍ଷଣର ଆଧାର ହୋଇ ସେ ସଂସାର ପ୍ରତି ନିରାସକ୍ତ ଭାବ ପ୍ରଚାର କରନ୍ତି । କାଳକୁ ଜୟ କରିଥିବାରୁ ସେ ମହାକାଳ ନାମରେ ପୁଜିତ । ସେ ହିମାଳୟର କୈଳାସ ପର୍ବତରେ ପାର୍ବତୀଙ୍କ ସହ ନିତ୍ୟ ବିଦ୍ୟମାନ ଓ ଜଗତର କଲ୍ୟାଣ ପାଇଁ ସଦା ଯୋଗାରୁଢ଼ ଥାଆନ୍ତି ।

ଭାରତରେ ୧୨ଟି ଜ୍ୟୋତିର୍ଲିଙ୍ଗ ସହ ଅନେକ ପ୍ରସିଦ୍ଧ ଶୈବ କ୍ଷେତ୍ର ଅଛି । ହିମାଳୟରେ



କେଦାରେଶ୍ୱର, ବାରଣାସୀରେ ବିଶେଶ୍ୱର, ରାମେଶ୍ୱରରେ ରାମନାଥ, ନାସିକରେ ତ୍ରୟମ୍ବକେଶ୍ୱର, ଶ୍ରୀଶୈଳରେ ମଲ୍ଲିକାର୍ଜୁନ, ଅନ୍ଦରେ ନାଗେଶ୍ୱର, ପର୍ଲିରେ ବୈଜନାଥ, ଉଜ୍ଜୟନୀରେ ମହାକାଳ, ନର୍ମଦା ତୀରରେ ଅମଳେଶ୍ୱର ବା ଓଁକାରେଶ୍ୱର, ଏଲୋରାରେ ଗୃହନେଶ୍ୱର ନାମରେ ସେ କୋଟି କୋଟି ଭକ୍ତଙ୍କ ଦ୍ୱାରା ପୁଜିତ । ଭକ୍ତମାନେ ତାଙ୍କୁ ଆଦରରେ ବାବା ଓ ଭୋଳାନାଥ କହିଥାଆନ୍ତି ଓ ମେଳାକରି ଭାଙ୍ଗ ଭୋଗ ଦିଅନ୍ତି । ବାବାଙ୍କର ବେଲ ପତ୍ର, ଗଈଶ ଫୁଲ,ଦୁଦୁରା ଓ କେତକୀ ଫୁଲରେ ଆଦର। କାର୍ତିକ ମାସର ସୋମବାରରେ ବାବାଙ୍କର ପୁଜା କରାଯାଏ । ଶ୍ରାବଣ ସୋମବାର ଜଳାଭିଷେକ କରାଯାଏ। ଜାଗର ବା ଫାଲଗୁନ ଅମାବାସ୍ୟାରେ ରାତ୍ରି ଉଜାଗର ହୋଇ ଉପବାସରେ ଦୀପ ଜାଳି ଭକ୍ତମାନେ ପୁଜା କରିଥାଆନ୍ତି । ଜାଗର ବାବା ଙ୍କର ପ୍ରଧାନ ପର୍ବ । କିମ୍ବଦନ୍ତୀ କହେ ସମୁଦ୍ର ମନ୍ଥନ ବେଳେ ହଳାହଳ ବିଷ କବଳରୁ ବିଶ୍ୱକୁ ରକ୍ଷାପାଇଁ ବାବା ନିଜେ ବିଷପାନ କରି ଅଚେତ ହୋଇଗଲେ । ତାଙ୍କୁ ସୁସ୍ଥ କରିବା ପାଇଁ ଦେବଗଣ ତାଙ୍କ ମସ୍ତକରେ ଜଳ, ଲହୁଣୀ, କ୍ଷୀର ଢାଳି, ବିଷନାଶକ ବେଲପତ୍ର, ଦୁଦୁରା ଫୁଲ ପକାଇ ରାତ୍ର ଉଜାଗର ହୋଇ ଜଗି ବସିଥିଲେ ।

ଓଡିଶାରେ ଅନେକ ପ୍ରସିଦ୍ଧ ଶୈବ କ୍ଷେତ୍ର ରହିଛି । ପୁରୁଣା ଭୁବନେଶ୍ୱର, ଯାହା ଏକାମ୍ର କ୍ଷେତ୍ର ନାମରେ ବିଖ୍ୟାତ, ସେଠାରେ ଲିଙ୍ଗରାଜ ମହାପ୍ରଭୁଙ୍କ ବିଶାଳ ମନ୍ଦିର ଅଛି । ସପ୍ତମ ଶତାବ୍ଦୀରେ କେଶରୀ ବଂଶର ଲଲାଟେନ୍ଦୁ କେଶରୀ ଏହି ମନ୍ଦିର ନିର୍ମାଣ କରିଥିଲେ । କୁହାଯାଏ ଏଠାରେ ଲକ୍ଷେ ଶିବ ମନ୍ଦିର ଏକ ସମୟରେ ଥିଲା । ସେଗୁଡିକ ମଧ୍ୟରୁ କେଦାରେଶ୍ୱର, ବ୍ରହ୍ମେଶ୍ୱର, କପିଳେଶ୍ୱେର, ମୁକ୍ତେଶ୍ୱର, ମଙ୍ଗଳେଶ୍ୱର, ଅନନ୍ତେଶ୍ୱର ପ୍ରଧାନ ଅଟନ୍ତି । ଏଠାରେ ମହାଦେବ ହରିହର ରୂପରେ ବିଦ୍ୟମାନ । ସମସ୍ତ ନଦୀର ପୂଣ୍ୟ ଜଳ ଧାରଣ କରୁଥିବା ବିନ୍ଦୁ ସାଗର ପୁଷ୍କରିଣୀ ମଧ୍ୟ ରହିଛି । ସେଥିପାଇଁ ଭୁବନେଶ୍ୱରକୁ ମନ୍ଦିରମାଳିନୀ ସହର କୁହାଯାଏ । ବାବାଙ୍କ ପାଖରେ କୋରା ଓ ଖଇ ପୂଜା ଲାଗେ ।

କଟକର ଅପରପାର୍ଶ୍ୱରେ ମହାନଦୀରେ ଟାପୁ ମଧ୍ୟରେ ପ୍ରସିଦ୍ଧ ଧବଳେଶ୍ୱର ଶିବ ଲିଙ୍ଗ ରହିଛି । ଆଗେ ଯାତ୍ରୀମାନେ କଟକର ଚହଟା ଘାଟରୁ ନାବରେ ମନ୍ଦିରକୁ ଯାଉଥିଲେ । କୁହାଯାଏ ଏକ ଚୋରର ଭକ୍ତିରେ ଖୁସି ହୋଇ କଳାଗାଈକୁ ଧଳା କରିବାରୁ ସେ ଧବଳେଶ୍ୱର ନାମରେ ପରିଚିତ ହେଲେ । ଆଜିକାଲି ଝୁଲା ପୋଲ ଓ ମଧୁସୁଦନ ସେତୁ ନିର୍ମାଣ ଯୋଗୁ ଯାତାୟାତର ସୁବିଧା ହୋଇଛି । କାର୍ତିକ ଚତୁର୍ଦ୍ଦଶୀ ବା ବଡ ଓଷା ବାବାଙ୍କର ଶ୍ରେଷ୍ଠ ପର୍ବ । ଏଥିରେ ଗଜ ଭୋଗ ଲାଗେ ।

ଢେଙ୍କାନାଳଠାରୁ ପ୍ରାୟ ୪୦ କିମି ଦୂରରେ ଏକ ପାହାଡ ଉପରେ ଚନ୍ଦ୍ରଶେଖର ମହାଦେବଙ୍କର ମନ୍ଦିର ୪୫୧ ମିଟର ଉଚ୍ଚରେ ରହିଛି । ଏହି ଲିଙ୍ଗ ଆକସ୍ମିକ ରାଜାଙ୍କ ଗୋଧନ ରକ୍ଷକ ଦ୍ୱାରା ଆବିଷ୍କୃତ ହୋଇଥିଲା । ପରେ ଢେଙ୍କାନାଳ ରାଜା ସେଠାରେ ମନ୍ଦିର, ଧର୍ମଶାଳା ତିଆରି କରିଥିଲେ । ଯିବାପାଇଁ ୧୩୪୨ଟି ପାହାଚ ଓ ମଟର ରାସ୍ତା, ରହିବା ପାଇଁ ଧର୍ମଶାଳା, ମୃଗ ବିହାର ସେଠାରେ ପ୍ରତିଷ୍ଠା ହୋଇଛି । ଏହି କ୍ଷେତ୍ର ମହିମା ଗୋସ୍ୱାମୀଙ୍କ ସାଧନା କ୍ଷେତ୍ର ରୂପେ ପ୍ରସିଦ୍ଧ ।

ଜଗନ୍ନାଥ ଧାମ ପୁରୀରେ ପ୍ରସିଦ୍ଧ ଲୋକନାଥ ଶିବ ମନ୍ଦିର ରହିଛି । କୁହାଯାଏ ବାବା ଶ୍ରୀକ୍ଷେତ୍ରକୁ ରକ୍ଷା କରନ୍ତି । ସୁଦୂର କୋରାପୁଟ ଜିଲ୍ଲାର ରାମଗିରି ପର୍ବତରେ ପ୍ରସିଦ୍ଧ ଶୈବକ୍ଷେତ୍ର ଗୁପ୍ତେଶ୍ୱର ରହିଛି । ତା' କଡରେ କୋଲାବ ନଈ ବହିଯାଉଛି । ଏକ ପାହାଡ ଗୁମ୍ଫା ଭିତରେ ବିଶାଳ ଲିଙ୍ଗ ରୂପେ ବାବା ପୁଜିତ । ଚାରିଆଡେ ଘନ ଜଙ୍ଗଲ ଦଣ୍ଡକାରଣ୍ୟ ବ୍ୟାପି ରହିଛି । ଭଦ୍ରକ ଜିଲ୍ଲାରେ ବୈତରଣୀ ନଦୀ କୂଳରେ ଆରଡି ଗ୍ରାମରେ ଆଖଣ୍ଡଳେଶ୍ୱର ମନ୍ଦିର ରହିଚି । ଏଠାରେ ମଣିବାବା ନାମରେ ସେ ଲୋକଙ୍କ ଦ୍ୱାରା ଆଦୃତ । ସର୍ପବିଷ ହରଣରେ ବାବା ଅତ୍ୟନ୍ତ କରୁଣାବନ୍ତ ବୋଲି ବିଶ୍ୱାସ କରାଯାଏ । ତା' ଛଡା ବାଲେଶ୍ୱରରେ ଚନ୍ଦନେଶ୍ୱର, ପ-ଂଚଲିଙ୍ଗେଶ୍ୱର, ରାୟଗଡାର ମିନାଝୋଲା, ଦେବଗିରି, ଶରଣକୂଳର ଲଡୁବାବା ଅନ୍ୟତମ ପ୍ରସିଦ୍ଧ ଶୈବକ୍ଷେତ୍ର ।

ଏହାବ୍ୟତିତ ରାଜ୍ୟର ଗ୍ରାମେ ଗ୍ରାମେ ଅସଂଖ୍ୟ ଶିବ ଲିଙ୍ଗ, କିଏ ଦେଉଳରେ ତ' କିଏ ଗଛ ମୂଳରେ ରହିଛନ୍ତି । ଲୋକମାନେ ଭକ୍ତିରେ ବାବାଙ୍କୁ ପୁଜା କରି ଆଶିଷ ଭିକ୍ଷା କରିଥାଆନ୍ତି । ତାଙ୍କର ଅଭୟ କରୁଣା ପାଇ ସଂସାରର ଦୁଃଖକଷ୍ଟରୁ ମୁକ୍ତ ହୁଅନ୍ତି । ଜାଗର ଦିନ ଅର୍ଦ୍ଧରାତ୍ରୀରେ ମହାଦୀପ ଉଠାଇ ଭକ୍ତମାନେ ଗାଇଉଠନ୍ତି, ଓଁ ତ୍ରୟମ୍ବକଂ ଯଜାମହେ, ସୁଗନ୍ଧି ପୃଷ୍ଟିବର୍ଦ୍ଧନମ, ଉର୍ବାରୁ କମିବ, ବନ୍ଧନାତ୍ ମୃତ୍ୟୋର୍ମୁକ୍ଷୀୟ ମାଃମୃତାତ, ଓଁ ନମଃ ଶିବାୟଃ ।

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

# ୨୮ରୁ ସ୍କୁଲ୍ ଯିବେ ୧ରୁ ୭ମ ପିଲା



ଏବେବି ମହାମାରୀ କରୋନାର ପ୍ରକୋପ ସାରା ବିଶ୍ୱରେ ଜାରି ରହିଛି । ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ଯଥେଷ୍ଟ ପରିଲକ୍ଷିତ ହୋଇଛି । ବିଶେଷକରି ଶିକ୍ଷାବ୍ୟବସ୍ଥାକୁ ଏହା ଠପ୍ କରିଦେଇଥିଲା । ସ୍କୁଲ କଲେଜ କେବେ ଖୋଲିବ ସେନେଇ ଅଭିଭାବକ, ଅଭିଭାବିକା ଓ ଛାତ୍ରଛାତ୍ରୀମାନେ ଚିନ୍ତିତ ଥିଲେ । ଏବେ ୨୦୨୨ ନୂଆବର୍ଷ ସମସ୍ତଙ୍କ ପାଇଁ ଖୁସି ଖବର ଆଣିଛି । ସ୍କୁଲ ଖୋଲିବା ନେଇ ରାଜ୍ୟସରକାର ଘୋଷଣା କରିବା ସହିତ ଗାଇଡ ଲାଇନ ଜାରିକରିଛନ୍ତି । ଫେବୃଆରୀ ୭ରୁ ସ୍କୁଲ ଓ କଲେଜ ଖୋଲିଛି । ବର୍ତ୍ତମାନ ଅଷ୍ଟମଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିଥିବା ବେଳେ ପ୍ରଥମରୁ ସପ୍ତମ ଶ୍ରେଣୀ ଆସନ୍ତା ୨୮ରେ ଖୋଲିବ । ବିଦ୍ୟାଳୟ ଖୋଲିଥିଲେ ମଧ୍ୟ ଉପସ୍ଥାନ ବହୁତ କମ୍ ଥିବାରୁ ଏବେବି କରୋନାକୁ ଡର ଥିବା ଜଣାପଡୁଛି । ତେବେ ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଜାରି କରିବା ସହ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ପିତାମାତା ଓ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି । ପିଲାମାନେ କରୋନା କଟକଣା ଭିତରେ ବିଦ୍ୟାଳୟକୁ ଆସି ପାଠପଢିବା ସହ ନାଚ, ଗୀତ ଓ ଖେଳକୁଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସୋମବାରଠାରୁ ବିଦ୍ୟାଳୟ ଖୋଲିଥିବାରୁ ପିଲାମାନେ ଖୁସି ଓ ପିଲାଙ୍କ ଖୁସିରେ ସେ ମଧ୍ୟ ଖୁସି ଥିବା କହିଛନ୍ତି ।

ପୁଣି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଗତ ଫେବୃଆରୀ ୭ତାରିଖ ଆମ ସମସ୍ତଙ୍କ ପାଇଁ ଐତିହାସିକ ଦିନ । ପ୍ରାୟ ଦୁଇବର୍ଷ ପରେ ବିଦ୍ୟାଳୟରେ ଘଣ୍ଟା ବାଜିଲା । ପିଲାମାନେ ବିଦ୍ୟାଳୟ ଗଲେ । ମହାପ୍ରଭୁଙ୍କ ଆର୍ଶୀବାଦ ଆପଣମାନଙ୍କ ସହଯୋଗ ଓ କରୋନା ଯୋଦ୍ଧାଙ୍କ ତ୍ୟାଗ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ପିଲାମାନଙ୍କୁ ଭୟ ନକରିବାକୁ ପରାମର୍ଶ ଦେଇ ସେ ପୁଣି କହିଛନ୍ତି ଯେ, ଆମେ ସମସ୍ତେ ତୁମ ସାଥିରେ ଅଛୁ, କିନ୍ତୁ ତୁମକୁ ସତର୍କ ରହିବାକୁ ହେବ । ତୁମେ କରୋନା କଟକଣା ଠିକ୍ ଭାବରେ ପଳନ କରିବ । ପାଠପଢାରେ ଯାହା କିଛି କ୍ଷତି ହୋଇଛି ତାକୁ ପୂରଣ କରିବା ପାଇଁ ଆମେ ଦିନରାତି ପରିଶ୍ରମ କରିବା । ସେହିପରି ଓଡିଶାରେ ଅନେକ ଦିନ ପରେ ସ୍କୁଲ କଲେଜ ଖୋଲିବା ନେଇ ଖୁସିବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା, ଉଦ୍ୟମିତାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଭୟଭୀତ ନହୋଇ ପ୍ରତିଦିନ ମାସ୍କ ପିନ୍ଧି କରୋନା ମାର୍ଗଦର୍ଶିକା ପାଳନକରି ଶିକ୍ଷାନୁଷ୍ଠାନକୁ ଯିବା ଓ ମନଦେଇ ପାଠପଢିବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସଂସ୍କୃତିରେ ଗୁରୁଙ୍କୁ ଆମେ ଭଗବାନ ଭାବରେ ସମ୍ମାନ କରୁ । ଗୁରୁଙ୍କ ଆର୍ଶୀବାଦ ଓ ମାର୍ଗଦର୍ଶନ ହିଁ ଜୀବନରେ ସଫଳତା ଆଣିଥାଏ । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ କୋଭିଡ ନିୟମ ମାନି ସେମାନେ ନିଜର ଓ ଛାତ୍ରଛାତ୍ରୀଙ୍କ ସଠିକ୍ ଯତ୍ନ ନିଅନ୍ତୁ । ଏହିପରି ଭାବେ ଟ୍ୱିଇଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ।

ସୂଚନାଯୋଗ୍ୟ ଯେ, ସୋମବାର ଠାରୁ ଦ୍ୱାଦଶ ଶେଣ୍ରୀ ଛାତ୍ରଛାତ୍ରୀଙ୍କ ଅଫ୍‌ଲାଇନ ପାଠପଢା ଆରମ୍ଭ ହୋଇଛି । ଫଳରେ ରାଜ୍ୟର ସବୁ ସ୍କୁଲ ଚଳଚଞ୍ଚଳ ହୋଇଛି । ତେବେ ୩୭ହଜାର ୫୩୩ଟି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଉପଜାତି ପରିଚାଳିତ ବିଦ୍ୟାଳୟ ଏବଂ ଅଣ ଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରାୟ ୨୪ଲକ୍ଷ ପିଲାଙ୍କ ମଧ୍ୟରୁ ପ୍ରାୟ ୧୪.୪୨ଲକ୍ଷ ପିଲାଙ୍କ ଉପସ୍ଥାନ ରହିଛି । ତେବେ ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଉତ୍ସାହ ଜନକ ରହିଛି । ଦେବଗଡ ଜିଲ୍ଲାରେ ଉଚ୍ଚ ମାଧମିକ ବିଦ୍ୟାଳୟ ଗୁଡିକରେ ସର୍ବାଧିକ ୮୫ ପ୍ରତିଶତ ବିଦ୍ୟାର୍ଥୀ ଉପସ୍ଥାନ ଦେଇଥିବା ବେଳେ ମାଧମିକ ବିଦ୍ୟାଳୟ ଗୁଡିକରେ ମଧ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସର୍ବାଧିକ ୯୧ ପ୍ରତିଶତ ରହିଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଉଚ୍ଚ ପ୍ରାଥମିକ ସ୍କୁଲରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୭୭ପ୍ରତିଶତ ହୋଇଥିଲା । ଉଚ୍ଚ ମାଧମିକ କ୍ଷେତ୍ରରେ ଦେବଗଡ ସହିତ ବାଲେଶ୍ୱର, ବଲାଙ୍ଗୀର, ଝାରସୁଗୁଡା, କେନ୍ଦ୍ରାପଡା, କେନ୍ଦୁଝର ଏବଂ ସମ୍ବଲପୁର ଜିଲ୍ଲାମାନଙ୍କରେ ଉପସ୍ଥାନହାର ବହୁତ ଭଲ ରହିଛି । ମାଧମିକ ସ୍ତରରେ ଅନୁଗୁଳ, କେନ୍ଦ୍ରାପଡା, କେନ୍ଦୁଝର, କଟକ, ଗଞ୍ଜାମ, ରାୟଗଡା ଏବଂ ବରଗଡ ଜିଲ୍ଲାରେ ଉତ୍ସାହଜନକ ଅଛି । ପ୍ରାଥମିକ ସ୍ତରରେ ମଧ ଅଷ୍ଟମ ଶେଣ୍ରୀରେ ମଧ ପିଲାମାନଙ୍କ ଉପସ୍ଥାନହାର ବହୁତ ଭଲ ରହିଛି । ଓଡିଶା ଆଦର୍ଶ ବିଦ୍ୟାଳୟମାନଙ୍କରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଉପସ୍ଥାନ ମଧ ଖୁବ୍ ଭଲ ରହିଛି ।

ବିଶେଷକରି ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ପିଲାଙ୍କୁ ଶ୍ରେଣୀ ଶିକ୍ଷା ପ୍ରଦାନ କରାଯିବା ପାଇଁ ଗତ ୧୪ ତାରିଖରୁ ଏହା ଆରମ୍ଭ ହେବା କଥା । ମାତ୍ର ଏବେ ସେଥିରେ ପରିବର୍ତ୍ତନ ହୋଇଛି । କିନ୍ତୁ ଏବେ ପଞ୍ଚାୟତ ନିର୍ବାଚନରେ ଶିକ୍ଷକମାନେ ନିୟୋଜିତ ହେବେ ଓ ବିଦ୍ୟାଳୟର ଉପଯୁକ୍ତ ସାନିଟାଇଜେସନ୍‌କୁ ଗୁରୁତ୍ୱ ଦେଇ ଆସନ୍ତା ୨୮ରୁ ଶ୍ରେଣୀ ଗୃହ କ୍ଲାସ ହେବ । ଦୁଇ ବର୍ଷ ପରେ ପୁଣିଥରେ ପ୍ରାଥମିକ ପଲାମାନେ ସ୍କୁଲମୁହାଁ ହେବେ । ନିଷ୍ପତ୍ତି ଅନୁଯାୟୀ ଅଷ୍ଟମଶ୍ରେଣୀ ପାଇଁ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଓ ନବମ ଦଶମ ଶ୍ରେଣୀ ପାଇଁ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଶ୍ରେଣୀଶିକ୍ଷା କରାଯିବ । ଏଥିପାଇଁ ଷ୍ଟାଫ୍ କମନରୁମ୍ , ଶ୍ରେଣୀଗୃହ ଓ ଶୌଚାଳୟକୁ ସାନିଟାଇଜ କରାଯାଇଛି । ସ୍କୁଲ ପରିସରରେ ଏକ ନିର୍ଦ୍ଦିଷ୍ଟ ଆଇସୋଲେସନ୍ ରୁମ୍ ରହିଛି । ସେହିପରି ଛାତ୍ରଛାତ୍ରୀଙ୍କ ତାପମାତ୍ରାକୁ ମାପିବା ପାଇଁ ଥର୍ମାଲ ସ୍କାନରର ବ୍ୟବସ୍ଥା ରହିଛି । ସେହିପରି ପ୍ରତ୍ୟେକ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକଙ୍କୁ କୋଭିଡ୍ ପ୍ରୋଟକଲ୍ ଅଫିସରଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଛାତ୍ରଛାତ୍ରୀ ମାନଙ୍କ ଅବଗତି ନିମନ୍ତେ କୋଭିଡ-୧୯ ନିୟମାବଳୀ ସମ୍ପର୍କରେ ସ୍କୁଲ ପରିସରରେ ହୋଡିଙ୍ଗର ବ୍ୟବସ୍ଥା କରାଯାଇଛି । ଏହିଭଳି କଠିନ ପରିସ୍ଥିତିରେ ଛାତ୍ରଛାତ୍ରୀ ପାଠପଢାକୁ ଭରଣା କରିବା ପାଇଁ ଉଦ୍ୟମ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ପିଲାମାନଙ୍କୁ ଦିନରାତି ପରିଶ୍ରମ କରିବାକୁ ହେବ । ସେହିପରି ଏକ୍ଷେତ୍ରରେ ଶିକ୍ଷକମାନଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ମହାମାରୀ ଜନିତ ପ୍ରଭାବରୁ ପାଠପଢାରେ ଯେଉଁ କ୍ଷତି ହୋଇଛି ତାକୁ ଶିକ୍ଷକମାନେ ଭରଣା କରିପାରିବେ । ସବୁଠୁ ବେଶି ଦାୟିତ୍ୱ ହେଉଛି ଅଭିବାବକ ଓ ଅଭିଭାବିକାମାନଙ୍କର । ସେମାନେ ନିଜ ନିଜ ପିଲାଙ୍କୁ କୋଭିଡ ଗାଇଡ ଲାଇନ ଅନୁସାରେ ସ୍କୁଲକୁ ଆସିବା ପାଇଁ ଉତ୍ସାହିତ କରିବା ଦରକାର । ପିଲାଙ୍କର କିଛି ଅସୁବିଧା ହେବନି ଏ ଅଭିଜ୍ଞତା ସେମାନଙ୍କୁ ଭବିଷ୍ୟତ ଆହ୍ୱାନ ପାଇଁ ସାହସ ଦେବ । ଏକଥା ଅଭିଭାବକମାନେ ଧ୍ୟାନ ରଖିବା ଜରୁରୀ ।

ମାତ୍ର ଆମ ଦେଶ ତଥା ରାଜ୍ୟରେ ଶିକ୍ଷାବ୍ୟବସ୍ଥା ଅସଜଡା ହୋଇ ରହିଛି ବର୍ଷ ବର୍ଷ ଧରି । ଫଳରେ କେଉଁଠି ଘରଅଛି ପିଲା ନାହାନ୍ତି ଆଉ କେଉଁଠି ପିଲା ଅଛି ଘର ନାହିଁ । ପୁଣି ଆଉ କେଉଁଠି ପିଲା ଅଛନ୍ତି, ଘରଅଛି, କିନ୍ତୁ ଶିକ୍ଷକ ନାହାନ୍ତି । ବେଳେ ବେଳେ ପରିଲକ୍ଷିତ ହୋଇଥାଏ ଯେ କେଉଁଠି ସାତଟି ଶ୍ରେଣୀକୁ ତନିଜଣ ଶିକ୍ଷକ ତ ଆଉ କେଉଁଠି ପାଞ୍ଚୋଟି ଶ୍ରେଣୀକୁ ଦୁଇ ଜଣ ଶିକ୍ଷକ ରହିଛନ୍ତି । ଖାଲି ସେତିକି ନୁହେଁ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ କଲେଜରେ ଭିତ୍ତିଭୂମିର ଅଭାବ ରହିଛି । ଏବେ ସ୍କୁଲ ଗୁଡିକ ରୂପାନ୍ତରିକରଣ ଚାଲିଛି । ରଙ୍ଗ ବେରଙ୍ଗରେ କ୍ୟାମ୍ପସର ପରିସର ଝଲସୁଛି । କିନ୍ତୁ ଆବଶ୍ୟକ ହେଉଥିବା ଶିକ୍ଷକଙ୍କର ଅଭାବ ରହିଛି । ଖାଲି ଥିବା ପଦବୀ ପୂରଣ ହେଉନାହିଁ । ଅନ୍ୟପଟେ ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି । ବିଭିନ୍ନ ପ୍ରଶିକ୍ଷଣ ନାଁ ରେ ସେମାନଙ୍କୁ ବିନିଯୋଗ କରାଯାଉଛି । ଯାହାକି ସେମାନଙ୍କୁ ମାନସିକ ସ୍ତରରେ ଭାରକ୍ରାନ୍ତ କରୁଛି । ତାପରେ ପୁଣି ଶିକ୍ଷାନୁଷ୍ଠାନ ମାନଙ୍କରେ ରାଜନୈତିକ ହସ୍ତକ୍ଷେପ । କଲେଜମାନଙ୍କର କଥା ଆହୁରି ତଦ୍ରୁପ । ଏଠାରେ ମଧ ଅଧ୍ୟାପକ ମାନଙ୍କର ମରୁଡି । ଖାଲିଥିବା ଅଧ୍ୟାପକ ପଦବୀ ମଧ ଠିକ୍ ସମୟରେ ପୂରଣ ହେଉନି । ଗୋଟିଏ ଗୋଟିଏ ବିଭାଗରେ ଚାରି ପାଞ୍ଚଜଣ ଅଧ୍ୟାପକ ବା ଅଧ୍ୟାପିକା ଆବଶ୍ୟକତା ଥିବା ବେଳେ ଜଣେ ବା ଦୁଇଜଣ ଅଧ୍ୟାପକ ବା ଅଧ୍ୟାପିକାଙ୍କ ଦ୍ୱାରା ବିଭାଗ ଚାଲୁଛି । ଏସ୍‌ଏସ୍‌ବି ଦ୍ୱାରା ନିଯୁକ୍ତି ପାଉଥିବା ଅଧ୍ୟାପକଙ୍କ ସଂଖ୍ୟା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଶିକ୍ଷାର ମାନବୃଦ୍ଧି ପାଇଁ ସମସ୍ତେ ଚିନ୍ତିତ । କିନ୍ତୁ ପ୍ରକୃତ ବିନ୍ଧାଣିଙ୍କୁ ଅବହେଳା କରାଯାଉଛି । କଥାରେ ଆମେ ଶିକ୍ଷକ ବା ଅଧ୍ୟାପକମାନଙ୍କୁ ଜାତି ନିର୍ମାତା ବୋଲି କହୁଛୁ । କିନ୍ତୁ ପ୍ରକୃତରେ ସେମାନେ ସେହି ସମ୍ମାନର ଅଧିକାରୀ ହୋଇପାରିନାହାନ୍ତି । କାରଣ ସମାନ ଯୋଗ୍ୟତା ଥାଇ ସମାନ ବୃତ୍ତିରେ କାମକରି ବେତନରେ ଅନେକ ତାରତମ୍ୟ ରହିଛି । ଏପରିକି ସେମାନଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇଛି । ଏମିତି ଅନେକ କଥା । ଏହିଦିଗ ପ୍ରତି ଗୁରୁତ୍ୱ ଦେଲେ ଅନେକ ସମସ୍ୟା ସମାଧାନ ହୋଇପାରନ୍ତା । ଏହାହିଁ ସମୟର ଆହ୍ୱାନ ।

**ହିମାଂଶୁଶେଖର ଆଚାର୍ଯ୍ୟ**
*ଜଗତସିଂହପୁର, ମୋ- ୯୯୩୭୧୫୧୦୫୨*

## ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ର ଉଦ୍‌ଯାପନୀ ସନ୍ଧ୍ୟାରେ ସୁଫି କାଲାମ ସହିତ ସୁଫି କୱାଲୀରେ ଦର୍ଶକ ବିଭୋର




ଭୁବନେଶ୍ୱର (ପିଏନ୍)- ଓଡ଼ିଶା ପର୍ଯ୍ୟଟନ ବିଭାଗ ସାହାଯ୍ୟରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ଅନୁଷ୍ଠିତ ହେଉଥିବା ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ର ଉଦ୍‌ଯାପନୀ ସଂଧ୍ୟାରେ ଦେଖିବାକୁ ମିଳିଥିଲା ସୁଫି କାଲାମ ସହିତ ସୁଫି କୱାଲୀ । ଅନ୍ତିମ ସଂଧ୍ୟାର ପ୍ରଥମ ପରିବେଷଣ ଥିଲା ବସନ୍ତ ପାତ୍ର ଓ ସାଥୀଙ୍କ ଦ୍ୱାରା ସୁଫି କଲାମ । ସେମାନଙ୍କ ପ୍ରସ୍ତୁତିରେ ଥିଲା ମେରା ମୌଲା ମେରେ କରମ, ଦମାଦମ୍ ମସ୍ତ କଲନ୍ଦର, ପିୟା ତେରେ ରଙ୍ଗ ଥା ମେ, ଲମ୍ବି ଯୁଦାଇ ଇତ୍ୟାଦି । ତାଙ୍କ ସହିତ ସାଥୀ କଳାକାରମାନେ ଥିଲେ ବର୍ଣ୍ଣାଳୀ ହୋତା, ପୂଜା ପ୍ରତ୍ୟୁଷା, ଇପ୍‌ସିତ୍ ପତି । ତାଙ୍କୁ ତବଲାରେ ବୈଭବ କୁମାର, ଅକ୍ଟାପାଡ଼୍‌ରେ ଅମର କୁମାର, ସିନ୍ଥେସାଇଜରରେ କିଶୋର କୁମାର ଏବଂ କୁନା ସହଯୋଗ କରିଥିଲେ । ସଂଧ୍ୟାର ଶେଷ ପରିବେଷଣ ଥିଲା ବୁଦୁଷୀ ଚଞ୍ଚଳ ଭାରତୀଙ୍କ ଦ୍ୱାରା ସୁଫି କବାଲି ପରିବେଷଣ । ତାଙ୍କର ପାରମ୍ପାରିକ ସୁଫିୟାନା କବାଲି ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ତାଙ୍କୁ ଯନ୍ତାଂଶରେ ସହଯୋଗ କରିଥିଲେ ହାରମୋନିୟମ୍‌ରେ ଜନାବ୍ ତୋଜୁଦ୍ଦିନ୍ ଖାନ୍ ଓ ଜନାବ୍ ନସିମ୍ ଅହମଦ୍, ବୃନ୍ଦଗାନରେ ଅବିନାଶ କୁମାର, ବେଞ୍ଜୋରେ ଜନାବ୍ ଇକ୍‌ବାଲ୍, ତବଲାରେ ମଜହାର ଅଲି ଓ ଢୋଲକରେ





ଅମର ପ୍ରସାଦ । ଏହି କାର୍ଯ୍ୟକ୍ରମ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ଯାହାକୁ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଉପସ୍ଥିତ ରହି ତାଙ୍କର ଏହି ସଙ୍ଗୀତକୁ ମନଭରି ଉପଭୋଗ କରୁଥିଲେ । ସଂଧ୍ୟାର ଅତିଥିମାନେ ଥିଲେ ପାସ୍‌ପୋଟ ଅଫିସର ସୁଧାଂଶୁଶେଖର ମିଶ୍ର, ଆଇ.ସି.ସି.ଆରର ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ର; ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଭାପତି ଅରବିନ୍ଦ ବେହେରା ଏବଂ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ପଟ୍ଟନାୟକ । କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ଡ଼ ସଙ୍ଗୀତା ଗୋସାଇଁ ଓ ମୀରା ପଣ୍ଡା ।

## ଖୋର୍ଦ୍ଧା ଜିଲ୍ଲାର ୧୧ ଗୋଟି ଜୋନରେ ୧୦ ଗୋଟି ବିଜେଡି ଜିଲ୍ଲା ପରିଷଦ ଆଗରେ

ଖୋର୍ଦ୍ଧା (ପିଏନ)- ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଆଜି ପ୍ରଥମ ଦିନ ଗଣତିରେ ଖୋର୍ଦ୍ଧା ଜିଲ୍ଲାର ୧୦ ଗୋଟି ଜୋନରେ ୯ ଗୋଟି ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ଆଗରେ ରହିଥିବା ବେଳେ ୧ ଗୋଟି ଜୋନରେ ବିଜେପି ଆଗରେ ରହିଛି । ତେବେ ଗଣତି କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ବର୍ତମାନ ଖବର ଲେଖା ହେଲା ବେଳକୁ ୧ ନମ୍ବର ଜୋନରେ ବିଜେଡିର ଜିଲ୍ଲା ପରିଷଦ ପ୍ରାର୍ଥୀ ପ୍ରଫୁଲ ଦଳେଇ ୨୫୨୧ ଭୋଟ ପାଇ ଆଗରେ, ୪ ନମ୍ବର ଜୋନରେ ମମତା ପାଇକରାୟ ୫୬୮ ଭୋଟ ପାଇ ଆଗରେ, ୭ ନମ୍ବର ଜୋନରେ ବିଜେଡିର ମୋହିନୀ ନାୟକ ୩୮୬୬ ଭୋଟ ପାଇ ଆଗରେ,୯ ନମ୍ବର ଜୋନରେ ମୀରାଞ୍ଜଳୀ ବଳିୟାରସିଂହ ୨୬୪୨ ଭୋଟ ପାଇ ଆଗରେ,୧୩ ନମ୍ବର ଜୋନରେ ବିଜେପି ଟିକି ଶବର ୫୪୨ ଭୋଟ ପାଇ ଆଗରେ,୧୬ ନମ୍ବର ଜୋନରେ ବିଜେଡିର ମହେଶ୍ୱର ଦାସ ୬୪୨ ଭୋଟ ପାଇ ଆଗରେ,୧୯ ନମ୍ବର ଜୋନରେ ବିଜେଡିର ଗଙ୍ଗାଧର ମଲ୍ଲିକ ୩୦୩୦ ଭୋଟ ପାଇ ଆଗରେ, ୨୨ ନମ୍ବର ଜୋନରେ ବିଜେଡିର ପ୍ରକାଶ ଚନ୍ଦ୍ର ସାହୁ ୯୬୯୫ ଭୋଟ ପାଇ ଆଗରେ ଓ ୨୫ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥିନୀ ସୁନନ୍ଦିତା ସାହୁ ୮,୦୯୬ ଭୋଟ ପାଇ ଆଗରେ ରହିଥିବା ବେଳେ ଭୋଟ ଗଣତି କାର୍ଯ୍ୟକ୍ରମ ଚାଲୁ ରହିଛି ।

## କଡ଼ା ସୁରକ୍ଷା ମଧ୍ୟରେ କେନ୍ଦ୍ରାପଡା କଲେଜରେ ଭୋଟ ଗଣତି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକର ୫ନମ୍ବର ଜୋନ ଅନ୍ତର୍ଗତ ଚାରିଗାଁ, ଢୋଲ, ଧୂମାତ, ଘାଗରା, ଇନ୍ଦୁପୁର, କୋରୋ, କୁତୁରଙ୍ଗ ଓ ନିକିରାଇ ପଞ୍ଚାୟତ ପାଇଁ ଶନିବାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ବ୍ଲକ ପରିସରରେ ଭୋଟ ଗଣତି ଚାଲିଛି । କଡ଼ା ସୁରକ୍ଷା ମଧ୍ୟରେ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା । ଭୋଟ ଗଣତି କେନ୍ଦ୍ର ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଛି । ପ୍ରଥମେ କେନ୍ଦ୍ରାପଡ଼ା କଲେଜର ମୁଖ୍ୟ ଫାଟକ ନିକଟରେ ପୋଲିସ ଜଗି ରହିଛନ୍ତି । ଏହାପରେ ଗଣତି କେନ୍ଦ୍ରଠାରୁ ୧୦୦ ମିଟର ଦୂରରେ ଆଉ ଏକ ପୋଲିସ ଦଳ ଜଗି ରହିଛନ୍ତି । ଭୋଟ ଗଣତି କେନ୍ଦ୍ର ଗୃହର ତଳେ ଅନ୍ୟ ଏକ ପୋଲିସ ଦଳ ଜଗି ରହିଛନ୍ତି । ଫଳରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଗଣତି କାର୍ଯ୍ୟ ଚାଲିଛି । ଭୋଟ ଗଣତି ସମ୍ପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେବା ପାଇଁ ଏକ ଏଲସିଡି ଲାଗିଛି । କିନ୍ତୁ ସେହି ଏଲସିଡିଟି ବହୁତ କ୍ଷୁଦ୍ର ଆକାରର ହୋଇଛି । ଏହାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଠିକ ସେହିପରି ପ୍ରାର୍ଥୀମାନଙ୍କ ପ୍ରତିନିଧିମାନେ ଭୋଟଗଣତି କେନ୍ଦ୍ରକୁ ସକାଳୁ ଯାଇଥିଲେ । ସେମାନେ ଯିବା ବେଳେ ସାଙ୍ଗରେ ପାଣି ବୋତଲ ନେବାକୁ ଚାହିଁଥିଲେବି ପୋଲିସ ପାଣି ବୋତଲ ନେବାକୁ ଅନୁମତି ଦେଇ ନ ଥିଲା । ଗଣତି କେନ୍ଦ୍ରରେ ପ୍ରତିନିଧିମାନଙ୍କ ପାଇଁ ପିଇବା ପାଣିର କୌଣସି ବ୍ୟବସ୍ଥା ହୋଇ ନ ଥିଲା । ତେଣୁ ପାଣି ପିଇବା ପାଇଁ ସେମାନଙ୍କୁ ଭୋଟ ଗଣତି କେନ୍ଦ୍ରରୁ ବାହାରି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି କେନ୍ଦ୍ରାପଡ଼ା କଲେଜ ବାହାରକୁ ଆସି ନିକଟସ୍ଥ ବଜାରରୁ ପାଣି ପିଇବାକୁ ପଡିଥିଲା । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏ ସମ୍ପର୍କରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜଙ୍କୁ ପଚାରିବାରୁ ସେ କହିଲେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କୁ ଭୋଟ ଗଣତି କେନ୍ଦ୍ରକୁ ପାଣି ବୋତଲ ନେବାକୁ ବାରଣ କରାଯାଇଥିଲା । ସେହିପରି ଯେଉଁ ସ୍ଥାନରେ ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିମାନେ ବସିବା ପାଇଁ ବ୍ୟସ୍ଥା ହୋଇଥିଲା ସେ ସ୍ଥାନରେ ପଙ୍ଖା ବ୍ୟବସ୍ଥା ମଧ ନଥିଲା । ତେଣୁ ଉଭୟ ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିମାନେ ସମସ୍ୟାରେ ପଡିଥିଲେ । ସରକାରଙ୍କ ସାଧାରଣ ପର୍ଯ୍ୟବେକ୍ଷକ ଡଃ. ଉଦ୍ଧବ ଚନ୍ଦ୍ର ମାଝୀ ଭୋଟ ଗଣତି କିପରି ଚାଲୁଛି ତାହା ଜାଣିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକକୁ ଯାଇ ଭୋଟ ଗଣତି କେନ୍ଦ୍ର ପରିଦର୍ଶନ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...


ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୦୧

# ମହାଶିବରାତ୍ରୀ: ଜାଗର





ହିନ୍ଦୁଧର୍ମରେ ବୈଦିକ ଯୁଗରୁ ବହୁ ପୂଜା ପାର୍ବଣର ବ୍ୟବସ୍ଥା ଅଛି। ପ୍ରକୃତି ଉପାସନରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ବହୁ ଦେବଦେବୀ ଏହା ମଧ୍ୟରେ ପ୍ରବେଶ କରିଛନ୍ତି। ତେବେ ବର୍ତ୍ତମାନ ମୁଖ୍ୟତଃ ତିନିଶ୍ରେଣୀର ପୂଜା; ବିଷ୍ଣୁ, ଶିବ ଏବଂ ଶକ୍ତିଙ୍କର ବିଶେଷ ଭାବେ ପ୍ରଚଳିତ। ଜାଗର ଉତ୍ସବ ଶିବଙ୍କୁ କେନ୍ଦ୍ରକରି ପାଳିତ ହୁଏ। ଏହି ପର୍ବଟି ସାରା ଭାରତରେ ପାଳିତ ହୁଏ। ବିଶେଷକରି କାଶ୍ମୀରୀ ହିନ୍ଦୁ ପଣ୍ଡିତମାନଙ୍କର ଏହା ମହାନ ପର୍ବ।

ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିବସରେ ଶିବ ସ୍ୱୟଂ ଜ୍ୟୋତିଲିଙ୍ଗ ରୂପେ ପ୍ରକାଶିତ ହୋଇଥିବାରୁ, ଏ ଦିନଟିକୁ ତାଙ୍କର ଜନ୍ମଦିବସରୂପେ ପାଳନ କରାଯାଏ। ଭିନ୍ନମତେ ଏହି ଦିନ କୁଆଡ଼େ ଶିବ-ପାର୍ବତୀଙ୍କର ବିଭାଘର ହୋଇଥିଲା ବୋଲି ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ସମସ୍ତ ବିବାହିତ ଦମ୍ପତ୍ତି ଏହାକୁ ଶିବବ୍ରତ ରୂପେ ପାଳନ କରନ୍ତି।

ଖାଲି ସେତିକି ନୁହେଁ, ପୁରାଣ ଏବଂ ଶାସ୍ତ୍ରମତେ ଏହି ଦିବସରରେ ଯେଉଁମାନେ ଉପବାସ ପାଳନ ଏବଂ ରାତ୍ର ଜାଗରଣ ପୂର୍ବକ ଶିବ ଉପାସନା ଏବଂ ଆରାଧନା କରନ୍ତି ତାଙ୍କର ସମସ୍ତ ପାପରୁ ମୁକ୍ତ ମିଳେ ବୋଲି ବିଶ୍ୱାସ କରାଯାଏ। ରାତ୍ର ଜାଗରଣ ଏବଂ ପ୍ରଦୀପ ଜ୍ୱଳନ ପୂର୍ବକ ଏହି ଶିବରାତ୍ରଟି ପାଳନ କରାଯାଉଥିବାରୁ ଏହାକୁ ଜାଗର ବୋଲି ନାମିତ କରାଯାଇଛି। ଏହି ଦିନ ଅର୍ଦ୍ଧରାତ୍ରୀରେ ମନ୍ଦିରର ଦଧି ନଉତି ଉପରକୁ ମହାଦୀପ ଉଠିବା ପରେ ଉପାସକମାନେ ଏହାକୁ ଦର୍ଶନ କରି ଉପବାସ ଭଙ୍ଗ କରନ୍ତି। ଏହି ପର୍ବ ସମସ୍ତ ଶିବ ମନ୍ଦିରମାନଙ୍କରେ ଅନୁଷ୍ଠିତ ହୁଏ। ଏହାକୁ ମହାସମାରୋହରେ ପାଳନ କରାଯାଏ ବୋଲି ଏହା ମହାଶିବରାତ୍ରୀ ନାମେ ଖ୍ୟାତ।

ଶିବ ହେଉଛନ୍ତି ସକଳ ଅଭୀଷ୍ଟ ପୂରଣକାରୀ ଈଶ୍ୱର। ସକଳ ଦୁଃଖ-ତାପହାରୀ। ସେ ଆନନ୍ଦର ଉତ୍ସ: ଆନନ୍ଦ ଲହାରୀ ଶିବ ହିଁ ସତ୍ୟ ଏବଂ ସୁନ୍ଦର। ଶିବହୀନ ଏ ପିଣ୍ଡ ଜଡ଼ : ଶବ। ଏଣୁ ସେ ଆବାଳବୃଦ୍ଧବନିତା ସମସ୍ତଙ୍କର ପୂଜ୍ୟ।

ତାଙ୍କ ପୂଜନର ମୁଖ୍ୟ ପିଣ୍ଡହିଁ ଲିଙ୍ଗ : ଜ୍ୟୋତିର୍ଲିଙ୍ଗ। ସେ ହେଉଛନ୍ତି ଅକର୍ମରୁ କର୍ମଦାୟକ : ଶିଳା। ସେହି ଲିଙ୍ଗକୁ ଗଙ୍ଗାଜଳ କ୍ଷୀର, ଦଧି, ମହୁ, ଘିଅ, କଦଳୀ ଏବଂ ବେଲ ଇତ୍ୟାଦି ଦେଇ ପୂଜା କରାଯାଏ; ଶ୍ରୀଫଳ ସମର୍ପଣ କରି ଜଳଶାୟୀ କରାଯାଏ। ଜଳାଶୟୀବେଳେ ଯାଚକର ନାମ ନେଇ ଡକାଯାଏ। ଏଥିରେ ତା'ର ସକଳ ପାତକ ନାଶ ପାଇଁ ମନୋବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ଚଳି ଆସୁଅଛି।

ଶିବଙ୍କର ପ୍ରିୟ ହେଉଛି ବେଲପତ୍ର। ଫଳରେ ଧାତୁରା ଏବଂ ଫୁଲରେ ଅର୍କ। ଏଣୁ ଶିବ ପୂଜନରେ ଏ ତିନୋଟି ମୁଖ୍ୟଙ୍କୁ ନେଇ ତାଙ୍କୁ ଚଢ଼ାଯାଏ ବା ଆବୃତ୍ତ କରାଯାଏ। କୁହାଯାଏ ଯେ ଯେଉଁମାନେ ଶିବ ପୂଜନ କରନ୍ତି, ସେମାନେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଅନ୍ତି। ତାଙ୍କୁ ଯମଦଣ୍ଡ ଲାଗେ ନାହିଁ।

ପୁରାଣରୁ ମିଳେ : ରାବଣ ଶିବ ଭକ୍ତ ଥିଲା। ସେତୁବନ୍ଧ ସ୍ଥାପନବେଳେ ରାମଚନ୍ଦ୍ର ଶିବପୂଜା କରିଥିଲେ ଏବଂ ଶିବଲିଙ୍ଗ ସ୍ଥାପନ କରିଥିବାରୁ ସେ ଲିଙ୍ଗଙ୍କ ନା ରାମେଶ୍ୱର ରହିଛି। ପର୍ଶୁରାମ ଶିବଙ୍କୁ ପୂଜି ବରପ୍ରାପ୍ତ ହୋଇଥିଲେ। ପାଣ୍ଡବମାନେ ବନବାସ କାଳରେ ବିଭିନ୍ନ ସ୍ଥାନରେ ଶିବଲିଙ୍ଗ ସ୍ଥାପନ କରି ସେଗୁଡ଼ିକର ପୂଜାର ପ୍ରଚଳନ କରିଥିଲେ।

ଶିବପୁରାଣ ଏବଂ ଲିଙ୍ଗ ପୁରାଣରୁ ଶିବଙ୍କର ମହାତ୍ମ୍ୟ ମିଳେ। ସେ ଅଠଚାଳିଶିଟି ନାମରେ ଆରାଧିତ। ବିଷ୍ଣୁ ଓ ବ୍ରହ୍ମାଙ୍କ କଳହରୁ ସେମାନଙ୍କର ବିବାଦ ମେଣ୍ଟାଇବା ପାଇଁ ସେ ଲିଙ୍ଗ: ଜ୍ୟୋତିର୍ଲିଙ୍ଗ ରୂପେ ପ୍ରଥମେ ପ୍ରତୀୟମାନ ହୋଇଥିଲେ। ବ୍ରହ୍ମା ତାଙ୍କୁ ମିଥ୍ୟା କହିଥିବାରୁ ସେ ବ୍ରହ୍ମାମୁକ୍ତ ଏବଂ ବିଷ୍ଣୁ ସତ୍ୟ କହିଥିବାରୁ ସେ ବିଷ୍ଣୁଯୁକ୍ତ ଯେମିତି 'ହରିହର'।

ଭାରତରେ ୧୨ଗୋଟି ମୁଖ୍ୟ ପ୍ରାଚୀନ ଶିବମନ୍ଦିର ଅଛି। ଓଡ଼ିଶାର ଗାଁ ଗଣ୍ଡାରେ ଭରପୁର। ଭୁବନେଶ୍ୱର ପରି ମନ୍ଦିର ନଗରୀ ତ' ଖାଲି ଶିବମୟ।

ଜାଗରଯାତ୍ରା ଓଡ଼ିଶାର ଗଣପର୍ବ। ଭୁବନେଶ୍ୱରର ଲିଙ୍ଗରାଜ, ପୁରୀର ଲୋକନାଥ, ଶରଣକୂଳର ଲଡୁବାବା ଏବଂ ଢେଙ୍କାନାଳର କପିଳାସ ଇତ୍ୟାଦି ମନ୍ଦିରରେ ଜାଗରଯାତ୍ରା ବିଶେଷ ଭାବେ ଉଲ୍ଲେଖନୀୟ।

ଶିବ ଲିଙ୍ଗ ଆକାରରେ ପ୍ରତୀକାତ୍ମକ ଭାବେ ପୂଜିତ ହେଲେ ହେଁ ସେ ନିରାକାର: ନିରଞ୍ଜନ, ଇଚ୍ଛା ଶକ୍ତ୍ୟାଶ୍ରୟ ନିର୍ବିଶେଷ ବ୍ରହ୍ମ ଏବଂ ସର୍ବବ୍ୟାପକ। ସେ ମଙ୍ଗଳମୟ। ଆସନ୍ତୁ ତାଙ୍କର ଶରଣାପନ୍ନ ହେବା। *ଓଁ ନମଃ ଶିବାୟ ।*

**ବିପିନବିହାରୀ ମହାନ୍ତି, ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଆଜିର ଅନୁଚିନ୍ତା

*ଏପରି ଖାଦ୍ୟ ସଂଗ୍ରହ କର, ଯାହାକୁ ଖାଇଲେ ଆଉ ଜୀବନସାରା କ୍ଷୁଧା ହେବ ନାହିଁ।*

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଓଁ ନମଃ ଶିବାୟ

**ଡ. ପ୍ରତିଭା ମହାରଥୀ**

***"ନାଗେନ୍ଦ୍ରହାରାୟ ତ୍ରିଲୋଚନାୟ ଭସ୍ମାଙ୍ଗରାଗାୟ ମହେଶ୍ୱରାୟ/ ନିତ୍ୟାୟ ଶୁଦ୍ଧାୟ ଦିଗମ୍ବରାୟ ତସ୍ମୈ ନକାରାୟ ନମଃ ଶିବାୟ।"***



ଶିବ ଶବ୍ଦର ଅର୍ଥ କଲ୍ୟାଣକାରୀ, ମଙ୍ଗଳମୟ। 'ଶି'ର ଅର୍ଥ ପାପନାଶକ ଓ 'ବ'ର ଅର୍ଥ ମୁକ୍ତିଦାତା ଅଟେ। ପରମପିତା ପରମାତ୍ମାଙ୍କର କର୍ତ୍ତବ୍ୟବାଚକ ନାମ ଶିବ। କାରଣ ସେ ହିଁ ଜଗତର ମୂଳକାରଣ। ସେ ସୁଖ, ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା ଓ ଜ୍ଞାନର ସାଗର। ସେ ହିଁ କେବଳ ମୁକ୍ତି ଓ ଜୀବନମୁକ୍ତି ପ୍ରଦାନ କରିପାରନ୍ତି। ଯେତେବେଳେ ମନୁଷ୍ୟାତ୍ମାମାନେ ମାୟାର ବଶୀଭୂତ ହୋଇ ଦୁଃଖୀ, ଅଶାନ୍ତ, ପତିତ ଓ ଭ୍ରଷ୍ଟାଚାହରୀ ହୋଇଯା'ନ୍ତି, ସେତିକିବେଳେ ସେମାନଙ୍କୁ ପୁଣି ପାବନ ତଥା ସମ୍ପୂର୍ଣ୍ଣ ସୁଖୀ କରାଇବାର କଲ୍ୟାଣକାରୀ କର୍ତ୍ତବ୍ୟ ସ୍ୱୟଂ ପରମାତ୍ମା କରିଥାନ୍ତି। ଏହି ଧର୍ମଭ୍ରଷ୍ଟ, କର୍ମଭ୍ରଷ୍ଟ ସଂସାରକୁ ଉଦ୍ଧାର କରିବା ପାଇଁ ସେ ବ୍ରହ୍ମଲୋକରୁ ଅବତରଣ କରିଥାନ୍ତି ଏହି ପୃଥିବୀପୃଷ୍ଠରେ। ପରମାତ୍ମା ଶିବଙ୍କର ଏହି ଦିବ୍ୟ ଅବତରଣ ତଥା ଅଲୌକିକ ଜନ୍ମର ସ୍ମୃତି ଉଦ୍ଦେଶ୍ୟରେ 'ଶିବରାତ୍ରି' ବା 'ଶିବଜୟନ୍ତୀ' ପାଳନ କରାଯାଇଥାଏ।

ଶିବରାତ୍ରୀ ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଅମାବାସ୍ୟାର ରାତ୍ରିକୁ ବୁଝାଏ। ରାତ୍ରି ତ ଘୋର ଅନ୍ଧାରର ପ୍ରତୀକ। ରାତ୍ରିର ଅନ୍ଧକାରରେ ମନୁଷ୍ୟକୁ କୌଣସି ଜିନିଷ ଠିକ୍ ଜଣାପଡ଼େ ନାହିଁ ଏବଂ ଅସାମାଜିକ ତଥା ଅନୈତିକ କାର୍ଯ୍ୟ ବହୁତ ହୋଇଥାଏ। ସାଧାରଣତଃ ରାତ୍ରି ଶବ୍ଦ ଅଜ୍ଞାନ, ଅନ୍ଧାର, ପାପ ଓ ତମୋଗୁଣି ଅବସ୍ଥାର ସୂଚକ ଅଟେ। କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ରାତ୍ରିର ଘନ ଅନ୍ଧକାର, ଅଜ୍ଞାନତା, ପାପାଚାର, ଅଧର୍ମ, ଅନ୍ୟାୟର ପ୍ରତୀକ। ଏହି ରାତ୍ରିର ଘନ ଅନ୍ଧକାର ପରି ଆତ୍ମାମାନଙ୍କୁ ରୋଗ, ଦୁଃଖ, ଯନ୍ତ୍ରଣା ତଥା ଅଜ୍ଞାନ ଅନ୍ଧକାର ଘେରି ରହିଥାଏ। ପରମାତ୍ମା ଶିବ ସ୍ୱୟଂ ଅବତରଣ କରି ଜ୍ଞାନ, ଯୋଗ ତଥା ପବିତ୍ରତା ଦ୍ୱାରା ଆତ୍ମାମାନଙ୍କର ଆଧ୍ୟାତ୍ମିକ ଜାଗୃତି ଘଟାଇଥାଆନ୍ତି। ସେଥିପାଇଁ ଭକ୍ତମାନେ ଏହି ରାତ୍ରିରେ ଉଜାଗର ରହି ଶିବମନ୍ଦିରମାନଙ୍କରେ ଶିବଲିଙ୍ଗ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥାନ୍ତି। ମାଟିଦୀପ ବିନାଶୀ ଶରୀରର ପ୍ରତୀକ ଏବଂ ଦୀପରେ ଜଳୁଥିବା ଜ୍ୟୋତି ଆତ୍ମାର ପ୍ରତୀକ। ଜାଗର ଅର୍ଥ ଜାଗୃତି। ଦେହ ପରିବର୍ତ୍ତେ ନିଜକୁ ଆତ୍ମା ବୋଲି ଭାବି ଆତ୍ମଶକ୍ତିକୁ ଜାଗ୍ରତ କରିବା ଅର୍ଥାତ୍ ଆତ୍ମାର ସ୍ୱଧର୍ମ ଶାନ୍ତି ଏବଂ ପବିତ୍ରତାର ବ୍ରତ ପାଳନ କରିବା ହେଉଛି ଜାଗରର ଉଦ୍ଦେଶ୍ୟ। ଏହିଦିନ ମନୁଷ୍ୟ ବ୍ରତ ତଥା ଉପବାସ କରିଥାଏ। ଉପବାସର ବାସ୍ତବିକ ଅର୍ଥ ହେଲା ପରମାତ୍ମାଙ୍କ ସମୀପରେ ବୁଦ୍ଧିକୁ ରଖିବା। ଏହିଦିନ ପବିତ୍ରତାର ବ୍ରତ ପାଳନ କରିବା ଉଚିତ।

ପରମପିତା ପରମାତ୍ମା ଶିବ ଚୈତନ୍ୟ ଜ୍ୟୋତିର୍ବିନ୍ଦୁ ଅଟନ୍ତି। ତାଙ୍କର ନିଜର କୌଣସି ସ୍ଥୁଳ ବା ସୂକ୍ଷ୍ମ ଶରୀର ନାହିଁ। ସେ ସୂକ୍ଷ୍ମ ଦେବଲୋକର ଉର୍ଦ୍ଧରେ ବ୍ରହ୍ମଲୋକ (ମୁକ୍ତିଧାମ)ରେ ବାସ କରନ୍ତି। ପରମାତ୍ମା ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ଏହି ତିନି ଦେବତାଙ୍କ ରଚୟିତା ଅର୍ଥାତ୍ ତ୍ରିମୂର୍ତ୍ତି ଶିବ ଅଟନ୍ତି। ସେ ବ୍ରହ୍ମାଙ୍କ ଦ୍ୱାରା ସ୍ଥାପନା, ଶଙ୍କରଙ୍କ ଦ୍ୱାରା ମହାବିନାଶ ଓ ବିଷ୍ଣୁଙ୍କ ଦ୍ୱାରା ସୃଷ୍ଟିର ପାଳନା କରାଇ ବିଶ୍ୱର କଲ୍ୟାଣ କରିଥାନ୍ତି।


ଶିବଙ୍କୁ ଅଜନ୍ମା ଓ ମୃତ୍ୟୁଞ୍ଜୟ ବୋଲି କୁହାଯାଏ। ସେ ଦେବଙ୍କର ଦେବ, ତାଙ୍କର ଜନ୍ମ କୌଣସି ଦେବତା କିମ୍ବା ମନୁଷ୍ୟ ରୂପରେ ହୁଏନାହିଁ। ଶିବ ମହାକାଳେଶ୍ୱର, ସେଥିପାଇଁ ସେ ବ୍ରାହ୍ମଣ, ଯୁବକ କିମ୍ବା ବୃଦ୍ଧାବସ୍ଥା ଧାରଣ କରନ୍ତି ନାହିଁ କି ଜନ୍ମ-ମରଣ ରୂପୀ କାଳର ବଶୀଭୂତ ହୁଅନ୍ତି ନାହିଁ। ଶିବଙ୍କ ଅନ୍ୟ ନାମ ଗୁଡ଼ିକ ଭିତରେ ଅମରନାଥ, ମୁକ୍ତେଶ୍ୱର, ତ୍ରିଭୁବନେଶ୍ୱର, ରାମେଶ୍ୱର, ଗୋପେଶ୍ୱର, ଆଶୁତୋଷ, ତ୍ରିଲୋଚନ, ସୋମନାଥ, ପଶୁପତିନାଥ, ଲୋକନାଥ, କପିଳେଶ୍ୱର, ଧବଳେଶ୍ୱର, ବେଲେଶ୍ୱର ଇତ୍ୟାଦି ଅସଂଖ୍ୟ ନାମ ଅନ୍ତର୍ଭୁକ୍ତ। ଶିବଙ୍କୁ ବିଶ୍ୱର ମାତାପିତା, ସୃଷ୍ଟିକର୍ତ୍ତା ଓ ଆଦିଗୁରୁ ବୋଲି ସମସ୍ତେ ମାନିଥାନ୍ତି। ଶିବଭକ୍ତମାନଙ୍କ ପାଇଁ ସବୁଠାରୁ ବଡ଼ ପର୍ବ ହେଲା ମହାଶିବରାତ୍ରି। ***"ଫାଲଗୁନେ କୃଷ୍ଣପକ୍ଷସ୍ୟ ଯାତିଥିଃସ୍ୟାତ୍ ଚତୁର୍ଦ୍ଦଶୀ। ତସ୍ୟାଂ ଯାଂ ତାମସୀ ରାତ୍ରି ସୋଚ୍ୟତେ ଶିବରାତ୍ରିକା ।।"*** ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ଆଶ୍ରୟ କରି ଯେଉଁ ଅନ୍ଧକାର ରାତ୍ରି ଉପସ୍ଥିତ ହୁଏ, ତାହାହିଁ ମହାରାତ୍ରି ବା ଶିବରାତ୍ରି ରୂପେ ପରିଚିତ। 'ମହାଭାରତ'ର 'ଶାନ୍ତି ପର୍ବ'ରେ ଭୀଷ୍ମ ଶରଶଯ୍ୟାରେ ରହି ଧର୍ମୋପଦେଶ ଦେବା ସମୟରେ ରାଜା ଚିତ୍ରଭାନୁଙ୍କ ଜୀବନରେ ଶିବରାତ୍ରି ବ୍ରତର ମହିମା ପ୍ରକାଶ ହୋଇଥିବା ବିଷୟରେ କହିଥିଲେ। ଚିତ୍ରଭାନୁ ଇକ୍ଷ୍ୱାକୁ ବଂଶୀୟ ରାଜା ଥିଲେ ଓ ଜମ୍ବୁଦ୍ୱୀପରେ ଶାସନ କରୁଥିଲେ। ସେ ତାଙ୍କ ପତ୍ନୀଙ୍କ ସହିତ ମହାଶିବରାତ୍ରି ବ୍ରତ ପାଳନ କରୁଥିଲେ। ସେହି ସମୟରେ ଅଷ୍ଟାବକ୍ର ଋଷି ରାଜଦରବାରରେ ଉପସ୍ଥିତ ହେଲେ। ଋଷି ରାଜାଙ୍କୁ କାହିଁକି ଶିବରାତ୍ରି ବ୍ରତପାହଳନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ରାଜା ଚିତ୍ରଭାନୁ (ପୂର୍ବ ଜନ୍ମର ସ୍ମୃତିଧର ଥିଲେ) ଅଷ୍ଟାବକ୍ରଙ୍କୁ କହିଲେ, ମୁଁ ପୂର୍ବ ଜନ୍ମରେ ସୁସ୍ୱର ନାମକ ବ୍ୟାଧ ଥିଲି। ପଶୁପକ୍ଷୀ ଶିକାର କରି ଅନ୍ଧକାର ରାତ୍ରିରେ ବାଟ ଭୁଲି ଅଜ୍ଞାନବଶତଃ ଏକ ବେଲଗଛରେ ଚଢ଼ିଗଲି। ପିଲା ତଥା ସ୍ତ୍ରୀ କଥା ଭାବି ଏବଂ ବିନା ଆହାରରେ କାନ୍ଦି କାନ୍ଦି ରାତି କଟାଇଲି ଏବଂ ଅଲକ୍ଷ୍ୟରେ ସାରା ରାତ୍ରି ଉଜାଗର ରହି ବେଲପତ୍ର ଛିଡ଼ାଇ ତଳକୁ ନିକ୍ଷେପ କରୁଥିଲି। ସକାଳ ହେବାରୁ କରିଥିବା ଶିକାରକୁ ବିକ୍ରୟ କରି ପରିବାର ପାଇଁ ଅନ୍ନ ବ୍ୟବସ୍ଥା କରିଥିଲି। ଏହି ସମୟରେ ଏକ ଭିକ୍ଷୁକ ମୋତେ ଖାଦ୍ୟ ମାଗିଲେ ଏବଂ ମୁଁ ମୋର ପ୍ରଥମ ଖାଦ୍ୟ ଦେଇ ଅବଶିଷ୍ଟ ଯାହାକିଛି ବଳିଥିଲା ତାକୁ ଗ୍ରହଣ କଲି। ମୋର ମୃତ୍ୟୁ ସମୟରେ ଦୁଇଜଣ ଶିବଦୂତ ଆସି ମୋତେ ଶିବଲୋକକୁ ନେଇଗଲେ ଏବଂ ମୁଁ ସେଠାରେ ଜାଣିପାରିଲି ଯେ ମହାଶିବରାତ୍ରିରେ ଅଜାଣତରେ ଉପବାସ ରହି ଲୋତକପାତ କରି ତଳେ ଥିବା ପ୍ରାକୃତିକ ଶିବଲିଙ୍ଗ ଉପରେ ବିଲ୍ୱପତ୍ର ପକାଇବାର ଫଳସ୍ୱରୂପ ମୁଁ ଶିବଲୋକକୁ ଆସିଲି। ଏହା ହେଉଛି ଅଲକ୍ଷ୍ୟରେ ପାଳିତ ଧର୍ମ। ଇଶାନ ସଂହିତା ଅନୁସାରେ, "ଶିବରାତ୍ରିଂ ବ୍ରତଂ ନାମ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି ମୁକ୍ତି ଫଳପ୍ରଦମ୍।" ରାତ୍ର ଜାଗରଣ ବାସ୍ତବରେ ମୋକ୍ଷ ଧର୍ମୀ (ମୁମୁକ୍ଷୁ) ଜୀବର ପରମ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଏ। ଭଗବତ୍ ଗୀତାରେ ଯଥାର୍ଥରେ କୁହାଯାଇଛି।

***"ଯା ନିଶା ସର୍ବ ଭୂତାନାଂ ତସ୍ୟା ଜାଗର୍ତି ସଂଯମୀ। ଯସ୍ୟା ଜାଗ୍ରତି ଭୂତାନି ସାନିଶା ପଶ୍ୟ ତୋ ମୁନେଃ।"*** ଅର୍ଥାତ୍, ବିଷୟାସକ୍ତ ସମସ୍ତ ସାଂସାରିକ ମନୁଷ୍ୟମାନଙ୍କ ପାଇଁ ଯେଉଁ ରାତ୍ରି କେବଳ ଅନ୍ଧକାରମୟୀ, ନିଶ୍ଚେତନମୟୀ ସତ୍ତା ରୂପେ ଗ୍ରହଣ କରାଯାଏ, ସଂଯମୀ ବ୍ୟକ୍ତିମାନେ ସେହି ରାତ୍ରିରେ ଜାଗ୍ରତ ରହିଥାନ୍ତି। ସେହିପରି ଆତ୍ମଜ୍ଞାନ ବିମୁଖ ବ୍ୟକ୍ତିମାନେ ସାଧାରଣତଃ ଜଡ଼ଚେତନା ରୂପୀ ରାତ୍ରିରେ ପ୍ରକୃତ 'ନିଶା' ଉପଲବ୍ଧ କରିଥାନ୍ତି। ଅର୍ଥାତ୍ ସାଂସାରିକ ବ୍ୟକ୍ତିମାନେ ଯେଉଁ ବିଷୟ ବାସନା ପାଇଁ ଜାଗ୍ରତ ରହିଥାନ୍ତି ଆତ୍ମଦର୍ଶୀ ଜ୍ଞାନୀମାନେ ସେଥିପ୍ରତି ବିମୁଖ ରହି ଆତ୍ମଜ୍ଞାନ ବର୍ଜିତ ଜଡ଼ଚେତନା ରୂପୀ ନିଶା ରୂପେ ଗ୍ରହଣ କରିଥାନ୍ତି। ଏଣୁ ଶିବରାତ୍ରିର ଘନ ଅନ୍ଧକାରମୟୀ ରାତ୍ରିରେ ବ୍ରହ୍ମଜ୍ଞାନୀ, ବେଦାନ୍ତ ତତ୍ତ୍ୱାନ୍ୱେଷୀ, ଆତ୍ମଦର୍ଶୀ ବିଜ୍ଞମାନେ ରାତ୍ରି ଜାଗରଣ 'ଜାଗର' କରି ସତ୍ୟ-ଶିବ-ସୁନ୍ଦରମୟ ବ୍ରହ୍ମଙ୍କୁ ସଦାଶିବ ରୂପେ ଉପଲବ୍ଧି କରିଥାନ୍ତି ଏବଂ ବୈରାଗ୍ୟର ସହସ୍ର ପ୍ରଦୀପ ଜଳାଇ ନିଜର ଆତ୍ମା-ଜ୍ୟୋତିକୁ ବ୍ରହ୍ମ-ଜ୍ୟୋତିଙ୍କ ଅଂଶ ରୂପେ ବିବେଚନା କରି ମଙ୍ଗଳମୟ ଶିବଙ୍କର ଆଶିଷ ଭିକ୍ଷା କରିଥାନ୍ତି।

ତେବେ ଶିବରାତ୍ରି ଦିନ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଯେଉଁ ଉପଚାର ଅବଲମ୍ବନ କରାଯାଏ ତାର ଆଧ୍ୟାତ୍ମିକ ରହସ୍ୟକୁ ଜାଣିବା ଏକାନ୍ତ ଜରୁରୀ। ପରମାତ୍ମା ଶିବଙ୍କ ଉପରେ ଲାଗି ହେଉଥିବା ତ୍ରିଶାଖୀ ବେଲପତ୍ର, ପରାମାତ୍ମା ଶିବଙ୍କର ତିନୋଟି କର୍ତ୍ତବ୍ୟ – ସ୍ଥାପନା, ପାଳନା ଓ ବିନାଶକୁ ବୁଝାଇଥାଏ। ଅର୍ଥାତ୍ ପରମାତ୍ମା ଶିବ ବ୍ରହ୍ମା, ବିଷ୍ଣୁ, ଶଙ୍କରଙ୍କ ରଚୟିତା। ଏହାର ପ୍ରତୀକ ତ୍ରିଶାଖୀ ବେଲପତ୍ର ବ୍ରହ୍ମାଙ୍କ ଦ୍ୱାରା ସତ୍ୟଯୁଗୀ ଦୈବୀ ସୃଷ୍ଟିର ସ୍ଥାପନା, ଶଙ୍କରଙ୍କ ଦ୍ୱାରା କଳିଯୁଗୀ ଆସୁରୀ ସୃଷ୍ଟିର ବିନାଶ ତଥା ବିଷ୍ଣୁଙ୍କ ଦ୍ୱାରା ସତ୍ୟ, ତ୍ରେତାଯୁଗୀ ଦୈବୀ ସୃଷ୍ଟିର ପାଳନ କରୁଥିବାରୁ ତାଙ୍କୁ ତ୍ରିମୂର୍ତ୍ତି କୁହାଯାଏ।

ଶିବରାତ୍ରିରେ ଭକ୍ତମାନେ ଉଜାଗର ରହିଥାନ୍ତି। ବାସ୍ତବରେ ଯେଉଁ ଉଜାଗର ଦ୍ୱାରା ଆମେ ପରମପିତା ପରମାତ୍ମା ଶିବଙ୍କୁ ସନ୍ତୁଷ୍ଟ କରି ତାଙ୍କଠାରୁ ବରପ୍ରାପ୍ତି କରିଥାଉ, ତାହା ହେଉଛି ଆଧ୍ୟାତ୍ମିକ ଜାଗରଣ। ପରମାତ୍ମା ଶିବ କଳିଯୁଗର ଶେଷରେ ଯେତେବେଳେ ଅବତରିତ ହୋଇଥାନ୍ତି ସେତେବେଳେ ସେ ଅଜ୍ଞାନ ଅନ୍ଧକାରରେ ଶୋଇଥିବା ଆତ୍ମାମାନଙ୍କୁ ଜାଗ୍ରତ କରାଇଥାନ୍ତି। ଜ୍ଞାନର ପ୍ରକାଶକୁ ବିସ୍ତାରିତ କରି ମାୟାର କୋଳରେ, ନିଦରେ ଶୋଇ ରହିଥିବା ଆତମମାନଙ୍କୁ ଜାଗ୍ରତ କରାଇଥାନ୍ତି ଏବଂ ବିକାରଗୁଡ଼ିକୁ ବଳି ଦେବା ପାଇଁ ଆଦେଶ ଦିଅନ୍ତି। ପରନ୍ତୁ, ଲୋକେ ଉଜାଗରର ପ୍ରକୃତ ରହସ୍ୟ ଜାଣି ନପାରି କେବଳ ଗୋଟିଏ ରାତି ନ ଶୋଇବା ପାଇଁ ବ୍ରତ ପାଳନ କରନ୍ତି। ବ୍ରହ୍ମଚର୍ଯ୍ୟ ପାଳନ ହିଁ ବାସ୍ତବିକ ବ୍ରତ, ଯାହାଦ୍ୱାରା କାମରୂପୀ ଶତ୍ରୁ ବିନଷ୍ଟ ହୋଇଥାଏ ଓ ଆତ୍ମା ଶିବଙ୍କର ନିକଟତର ହେବା ସମ୍ଭବ ହୋଇଥାଏ। ଶିବରାତ୍ରି ଦିନ ଭକ୍ତମାନେ ପରମାତ୍ମା ଶିବଙ୍କ ଉପରେ 'ଅରଖ' ଏବଂ 'ଦୁଦୁରା ଫୁଲ' ଚଢ଼ାଇଥାନ୍ତି। ଯେତେବେଳେ କଳ୍ପ ଶେଷରେ ପରମାତ୍ମା ଅବତରିତ ହୋଇଥା'ନ୍ତି, ସେତେବେଳେ ଆତ୍ମାମାନେ ବିକାରର ବଶୀଭୂତ ହୋଇ ତମୋପ୍ରଧାନ ହୋଇଯାଇଥାନ୍ତି। ସେମାନଙ୍କୁ ପୁଣି ପବିତ୍ର କରାଇବା ପାଇଁ ପତିତପାବନ ପରମାତ୍ମା ଆଦେଶ ଦିଅନ୍ତି – "ମୋ ଉପରେ କାମ, କ୍ରୋଧ ଆଦି ପାଞ୍ଚ ବିକାରକୁ ବଳି ଦେଇଦିଅ।" ଏହି ମହାନ୍ କର୍ତ୍ତବ୍ୟର ପ୍ରତୀକ ରୂପରେ ଅରଖ ବା ଦୁଦୁରା ଫୁଲ ଚଢ଼ାଯାଇଥାଏ।

ଶିବଙ୍କର ବର୍ଣ୍ଣ ଶୁଭ୍ର ଏବଂ ଏହି ଶୁଭ୍ରତା ହିଁ ଆମ୍ଭମାନଙ୍କୁ ପବିତ୍ରତା, ନିର୍ମଳ ହୃଦୟ ଓ ସତ୍‌ଚିନ୍ତା ସମ୍ପର୍କରେ ସୂଚନା ଦେଇଥାଏ। ଭାଲ ପଟରେ ତ୍ରିଧାର ବିଭୂତି ବିଲେପନ କରିଥାଆନ୍ତି। ଏହା ସମଗ୍ର ଭକ୍ତ ସମାଜକୁ ହିଂସା, ଦ୍ୱେଷ, କାମନା, ବାସନା, ମାୟା ତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥାଏ। 'ନନ୍ଦି' ଶିବଙ୍କର ବାହନ, ଏହା ସତ୍‌ସଙ୍ଗର ପ୍ରତୀକ ମାତ୍ର। ସାଧୁସଙ୍ଗ ବା ସତ୍‌ସଙ୍ଗ କଲେ ମନୁଷ୍ୟ ଜାଗତିକ ଜଞ୍ଜାଳରୁ ମୁକ୍ତ ହୋଇ ମୋକ୍ଷ ଲାଭକରେ, ଏହା ସୂଚେଇଥାଏ। ପୁଣି ସେହି ନନ୍ଦି ମହାରାଜ ଧର୍ମର ଦେବତା। ତେଣୁ ଶିବ ହେଉଛନ୍ତି ଧର୍ମର ରକ୍ଷକ। ଶିବଙ୍କ ଦକ୍ଷିଣ ହସ୍ତରେ ତ୍ରିଶୂଳ ଶୋଭା ପାଉଥାଏ। ଏହା ସତ୍ତ୍ୱ, ରଜ, ତମ ଗୁଣର ନିଦର୍ଶନ ମାତ୍ର। ପୁନଶ୍ଚ କେହି କେହି ମତ ଦିଅନ୍ତି ଶିବ ପୂଜନରେ ପ୍ରାଣୀର ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଏହି ତିନିପ୍ରକାର ଦୁଃଖ ଦୂର ହୋଇଥାଏ ଏବଂ ଏହାର ଆୟୁଧ ଶିବଙ୍କ ହାତରେ ତ୍ରିଶୂଳ ଶୋଭା ପାଉଥାଏ। ଶିବଙ୍କ ହସ୍ତରେ ଥିବା ଡମ୍ବରୁ ଶବ୍ଦ ବ୍ରହ୍ମର ପ୍ରତୀକ ଅଟେ ଓ ସୃଷ୍ଟିର ଆଦ୍ୟ ପ୍ରଣବାକ୍ଷର 'ଓଁ' ଏଥିରୁ ନିଃସୃତ ହେଉଥାଏ। ଶିବଙ୍କ ମସ୍ତକରେ ଚନ୍ଦ୍ରକଳା ଶିବଙ୍କୁ ସଂଯମୀ ଭାବରେ ପରିଚିତ କରାଏ, କାରଣ ଚନ୍ଦ୍ର ଶୀତଳତାର ପ୍ରତୀକ ଓ ମନର ଦେବତା। ତାଙ୍କର ଜଟାରୁ ପ୍ରବାହିତ ହେଉଥିବା ପତତପାବନୀ ଗଙ୍ଗା ହିଁ ଅମୃତଧାରାର ପ୍ରତୀକ। ଅର୍ଥାତ୍ ଜ୍ଞାନଗଙ୍ଗାର ପବିତ୍ର ସ୍ପର୍ଶରେ ପ୍ରାଣୀମାନେ ପତିତରୁ ପାବନ ହୋଇଥାନ୍ତି – ଏହି ସଙ୍କେତ ଦେଇଥାଏ। ଶିବଙ୍କର ଅନ୍ୟତମ ଭୂଷଣ ହେଲା ସର୍ପ, ସର୍ପ ପ୍ରଜ୍ଞା ଓ ଚିରନ୍ତନତାର ପ୍ରତୀକ। ପୁଣି ଶିବ ତ୍ରିଲୋଚନ ନାମରେ ଖ୍ୟାତ। ଅର୍ଥାତ୍ ତୃତୀୟ ନେତ୍ର ମୋକ୍ଷ ଦ୍ୱାର ଭାବରେ ବିଦିତ। ଶିବଲିଙ୍ଗ ଉପରେ ପଡୁଥିବା ବିନ୍ଦୁ ବିନ୍ଦୁ ଜଳର ଅର୍ଥ ହେଲା ପରମାତ୍ମା ସହିତ ଆତ୍ମାମାନେ ନିରନ୍ତର ଅବିଚ୍ଛିନ୍ନ ବା ସଂଯୁକ୍ତ ହେଇ ରହିବା। ବ୍ୟାଘ୍ରଛାଲ ଉପରେ ଆସନ ପକାଇବା ଏବଂ ହସ୍ତୀ ଚର୍ମାବୃତ୍ତ ହେବା ଅର୍ଥ କାମନା, ବାସନା ଆଦି ପଶୁ ପ୍ରବୃତ୍ତି ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିବା। ପୁନଶ୍ଚ ଶିବଙ୍କର ଅନ୍ୟ ଏକ ନାମ ନୀଳକଣ୍ଠ। ଅର୍ଥାତ୍ ସୃଷ୍ଟିରେ ସୁଖ, ଶାନ୍ତିର ପ୍ରତିଷ୍ଠା ପାଇଁ ସମସ୍ତ ବିଷକୁ ଆସ୍ୱାଦନ କରି ନିଜେ କଣ୍ଠରେ ଧାରଣ କରିଥିବାରୁ ସେ ହେଲେ ନୀଳକଣ୍ଠ। ଉଜାଗର ରହି ଦୀପ ଜାଳିବାର ଅର୍ଥ ଆତ୍ମାରୂପୀ ଦୀପକୁ ସଦା ପ୍ରଜ୍ୱଳିତ, ଜାଗ୍ରତ ରଖିବା। ଏହି ସଂକ୍ରାନ୍ତରେ ଗଳ୍ପଟିଏ ମନେପଡ଼େ। ଜଣେ





ଫକୀରଙ୍କ ପାଖରେ ପହଞ୍ଚି କେହି ଜଣେ ପଚାରିଲା, ବହୁତ ଅଳ୍ପରେ କୁହନ୍ତୁ ଆପଣଙ୍କ ବିଚାର କ'ଣ? ଦର୍ଶନ କ'ଣ? ସେହି ଫକୀର କହିଲେ, ଜାଗ! ସେହି ବ୍ୟକ୍ତିଜଣକ କହିଲେ, ମୁଁ ଏବେ ଠିକ୍ ଭାବରେ ବୁଝିପାରିଲି ନାହିଁ। ଆପଣ ଆଉ ଗୋଟିଏ ଶବ୍ଦ ଯୋଡ଼ିକି କୁହନ୍ତୁ, ଯଦ୍ୱାରା ମୁଁ ବୁଝିଯାଇପାରିବି। ସେ ଫକୀର ପୁଣି କହିଲେ, ଜାଗ! ସେହି ବ୍ୟକ୍ତିଜଣକ ଆଶ୍ଚର୍ଯ୍ୟ ହୋଇ କହିଲେ, ଏବେ ବି ମୁଁ କିଛି ବୁଝିପାରିଲି ନାହିଁ। ଆପଣ ଆଉ କିଛି ଶବ୍ଦ ବ୍ୟାଖ୍ୟା କରନ୍ତୁ। କିନ୍ତୁ ସେହି ଫକୀର ତୃତୀୟ ଥର ବି କହିଲେ, ଜାଗ! ଏଥିରେ ଆଉ କିଛି ବ୍ୟାଖ୍ୟା କରିବାର ସମ୍ଭାବନା ନାହିଁ, ଏହା ସହିତ କିଛି ଯୋଡ଼ା ବି ଯାଇପାରିବ ନାହିଁ। ବାସ୍! ଏହା କେବଳ ଗୋଟିଏ ହି ଶବ୍ଦ। ଇଉ ବଙ୍ଗବଳର! ଅର୍ଥାତ୍ ଜାଗ୍ରତ ହୋଇଯାଅ।

ଗୋଟିଏ ଶବ୍ଦରେ ଏତିକି ହିଁ କୁହାଯାଇପାରେ, ଜାଗ। କାରଣ ଶୋଇରହିବା ହିଁ ଦୁଃଖ ଏବଂ ଜାଗ୍ରତ ହେବା ହିଁ ଆନନ୍ଦ। ଶୋଇରହିବା ନାସ୍ତିକତା ଏବଂ ଜାଗ୍ରତ ହେବା ଆସ୍ତିକତା। ଶୋଇ ରହିଥିବା କେହି ବି ଆଜି ପର୍ଯ୍ୟନ୍ତ ସୁଖୀ ହୋଇପାରିନାହାନ୍ତି ଏବଂ ଜାଗ୍ରତ ବ୍ୟକ୍ତି ଆଜି ପର୍ଯ୍ୟନ୍ତ କେବେ ବି ଦୁଃଖୀ ହେବା ଦେଖାଯାଇ ନାହିଁ। ଶୋଇ ରହିଥିବା କାହାରି ବି ଜୀବନରେ ସୁଗନ୍ଧ, ଶାନ୍ତି ଆସିପାରିବ ନାହିଁ। ଜାଗ୍ରତ ହୋଇଥିବା ବ୍ୟକ୍ତି ସବୁବେଳେ ଆନନ୍ଦିତ, ସୁଗନ୍ଧିତ ଓ ସୁନ୍ଦର। ତେଣୁ ଏତିକି ଜାଣ ଯେ ଶୋଇ ରହିବା ହିଁ ପାପ-ଆଉ କାହା ପ୍ରତି ନୁହେଁ ନିଜ ପାଇଁ। ଯିଏ ନିଜ ପ୍ରତି ଶୋଇ ରହିଛି ଅର୍ଥାତ୍ ନିଜକୁ ଜାଣିନି ଯେ 'ସିଏ କିଏ ?' ତା' ଦ୍ୱାରା ପ୍ରତି ମୁହୂର୍ତ୍ତରେ ପାପ ହୋଇଚାଲିଛି। ତେଣୁ ଜାଗ୍ରତ ହେବା ହିଁ ପୁଣ୍ୟ ବା ଧର୍ମ। ଯିଏ ଆତ୍ମ ଭାବରେ ଜାଗ୍ରତ ହୁଏ ତା'ର ଜୀବନ ସମସ୍ତଙ୍କ ପ୍ରତି ଧର୍ମଚାରରେ ପରିଣତ ହୁଏ। ଏହା ହିଁ ଗୋଟିଏ ଶବ୍ଦରେ ଧର୍ମର ସୂତ୍ର। ସେଥିପାଇଁ 'ବିବେକାନନ୍ଦ' କହିଥିଲେ-"Arise, awake, and stop not till the goal is reached." ଅର୍ଥାତ୍ ଉଠିପଡ଼, ଜାଗ୍ରତ ହୁଅ, ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ଯାଏଁ ସାଧନାରୁ ବିଚ୍ୟୁତ ହୁଅନାହିଁ। ଏହିସବୁ ରହସ୍ୟକୁ ଉପଲବ୍ଧି କରି ଜାଗର ରାତ୍ରି ବା ମହାଶିବରାତ୍ରିରେ ଶିବପୂଜନ କରିବାର ପ୍ରକୃତ ଫଳ ପ୍ରାପ୍ତି ହୋଇଥାଏ।

*-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ- ୯୪୩୭୦୩୬୮୦୯*


# ଶୈବ ଉପାସନା ପରମ୍ପରା ଓ ମହାଶିବରାତ୍ରି



ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା । ଶିବ ନିତ୍ୟ ମଙ୍ଗଳକାରୀ । ଶିବ ଯେଉଁ ଭାବଧାରାର ପ୍ରତୀକ; ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ । ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି । ତେଣୁ ସେ ସ୍ୱୟଂ ପରମେଶ୍ୱର । ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ । ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ବ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ । ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ । ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା । ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ । ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ । ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ । ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ । ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା । ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା । ଏହି ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ । ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ । ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ୍ୟ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ । ଋଗ୍ ବେଦରେ 'ଶିବ' ନାମରେ ଉଲ୍ଲେଖ ନଥିଲେ ହେଁ; ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି । ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି ।

ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧. ସୋମନାଥ, ୨. ଶ୍ରୀ ମଲ୍ଲିକାର୍ଜ୍ଜୁନ, ୩. ଶ୍ରୀ ମହାକାଳେଶ୍ୱର, ୪. ଓଁକାରେଶ୍ୱର, ୫. ଶ୍ରୀକେଦାରନାଥ, ୬. ଶ୍ରୀ ଭୀମଶଙ୍କର, ୭. ଶ୍ରୀ ବିଘ୍ନେଶ୍ୱର, ୮. ତ୍ରୈମ୍ବକେଶ୍ୱର, ୯. ବୈଦ୍ୟନାଥ, ୧୦. ନାଗେଶ୍ୱର, ୧୧. ସେତୁବନ୍ଧୁ-ରାମେଶ୍ୱର, ୧୨. ଘୁଷ୍ମେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ । ବିଶେଷ କରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା । ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ୍ୟ ଆରାଧନା କରାଯାଇଥାଏ । ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ୍ୟ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ । ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ । ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ । ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ । ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ । ଏହା ଶିବଙ୍କ ଅନୁଶାସନର ପ୍ରତୀକ । ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ । ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ । ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ । ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ; ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି । ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ । ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି । ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପ ସ୍ୱୀକୃତ ଲାଭ କରିଅଛି । ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା । ଏପରିକି ଶିବଲିଙ୍ଗର ଆର୍ବିଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ୍ୟ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି । ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି । ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ । ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ । ତେଣୁ ଏହି ପର୍ବକୁ ଜାଗର ମଧ୍ୟ କୁହାଯାଏ ।

ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ । ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି । ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି ।



**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

# ବିଜୟା ଏକାଦଶୀ



ଯୁଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ସଂପର୍କରେ ଯାଇ କୁହନ୍ତି ଯେ ଏହାର ନାମ ପଙ୍କୋଦ୍ଧାର ବା ବିଜୟା ଏକାଦଶୀ। ଏହି ଏକାଦଶୀ ପାଳନ କାରଣରୁ ସବୁଥିରେ ବିଜୟ ହୁଏ ଏବଂ ଜଣେ ପଂକ ବା ଆବିଳ ଅଥବା ବିପଦରୁ ଉଦ୍ଧାର ପାଏ ବୋଲି ଏହାର ନାମ ପଙ୍କୋଦ୍ଧାର ରଖାଯାଇଛି। ଏହାର ମହାତ୍ମ୍ୟ ପଠନ ଓ ଶ୍ରବଣ ଦ୍ୱାରା ବ୍ରତୀର ମଧ୍ୟ ସମସ୍ତ ପାପ ବିନାଶ ହୁଏ। ନାରଦ ପୁଛନ୍ତେ ବ୍ରହ୍ମା ଏହି ଏକାଦଶୀ ବ୍ରତ ସଂପର୍କରେ ତାଙ୍କୁ ଏହାର ମହାତ୍ମ୍ୟ ବୁଝାଇଥିଲେ। ସେ କହିଥିଲେ କୌଣସି ଆଚରିଥିବା ତତ୍‌କ୍ଷଣିକ ପାପ ତଥା ବିପଦ ମୁକ୍ତ ପାଇଁ ଏହି ଏକାଦଶୀ ବ୍ରତ ହିଁ ପ୍ରଯୁଜ୍ୟ। ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ଯେତେବେଳେ ବନବାସ କରୁଥିଲେ, ପତ୍ନୀ ସୀତାଙ୍କୁ ରାବଣ ଅପହରଣ କରି ନେଲା। ସୀତାଙ୍କ ଉଦ୍ଧାର ନିମନ୍ତେ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣ ଏବଂ କପି ବଳ ସହ ଯାତ୍ରା ଆରମ୍ଭ କରି ପ୍ରଥମେ ରାମେଶ୍ୱରଠାରେ ପହଂଚିଲେ ନିକଟରେ ଦାଲଭ୍ୟ ମୁନିଙ୍କର ଆଶ୍ରମ ଥିଲା। ଏହି ଆଶ୍ରମରେ ଥିବା ଚିରଂଜୀବି ମୁନିଙ୍କ ଦର୍ଶନ ନିମନ୍ତେ ରାମଚନ୍ଦ୍ର ସଦଳ ବଳେ ସେଠାରେ ପହଂଚିଲେ ସେ ମୁନିଙ୍କୁ ଯଥା ସମ୍ମାନ ପୂର୍ବକ ସୁମୁଦ୍ର କିପରି ପାର ହୋଇ ଲଙ୍କାକୁ ଯିବେ ଏବଂ ସୀତାଙ୍କୁ ଉଦ୍ଧାର କରିବେ ତା'ର ଉପାୟ ପଚାରିଲେ। ମୁନି କହିଲେ: ଆସନ୍ତା କାଲି ବିଜୟା ବା ପଙ୍କୋଉଦ୍ଧାର ଏକାଦଶୀ ଅଛି। ତୁମେ ତୁମ ସେନା ସହିତ ଏହି ବ୍ରତ କର। ସମୁଦ୍ର ପାରିହେବା ଏବଂ ଲଙ୍କାକୁ ଜିତିବା ଏକମାତ୍ର ହେଉଛି ଏହି ବିଜୟା ଏକାଦଶୀ ପାଳନ କରିବାର ଫଳ। ତାଙ୍କ ଉପଦେଶମତେ ତା' ପରଦିନ ରାମଚନ୍ଦ୍ର ସସୈନ୍ୟ ଏହି ବ୍ରତ ପାଳନ କଲେ ଏବଂ ଏହି ବ୍ରତର ଆରାଧ୍ୟଦେବ ରାମେଶ୍ୱର ବା ଶ୍ରୀନାରାୟଣଙ୍କ ପୂଜା କଲେ। ଏହି ବ୍ରତ ପ୍ରଭାବରୁ ସେ ସମୁଦ୍ର ପାରିହେଲେ; ଲଂକାକୁ ଧ୍ୱଂସ କଲେ; ରାବଣ ବଧ କଲେ ଏବଂ ସୀତାଙ୍କୁ ଉଦ୍ଧାର କଲେ। ଏହି ବ୍ରତର ମହାତ୍ମ୍ୟ ପ୍ରଥମେ ନାରାଦ ବ୍ରହ୍ମାଙ୍କୁଠାରୁ ଶୁଣିଥିଲେ ଏବଂ ଏହାକୁ ନାରଦ ଯୁଧିଷ୍ଠିରଙ୍କୁ ଶୁଣାଇଥିଲେ। କାରଣ ଯୁଧିଷ୍ଠିର ଧର୍ମାତ୍ମା ଥିଲେ। କୌଣସି ପାପାତ୍ମା ଏ ପ୍ରକାର ଉପଦେଶକୁ ଗ୍ରହଣ କରନ୍ତି ନାହିଁ ବୋଲି ଏ ଏକାଦଶୀ ମହାତ୍ମ୍ୟ ସେମାନଙ୍କୁ ଶୁଣାଇବା ଏକ ପ୍ରକାର ବ୍ୟର୍ଥ। ତଥାପି ଶ୍ରୀ ନାରାୟଣଙ୍କର ଶରଣାଗତ ହେଲେ ପାପୀ ଏବଂ ଅପାପୀ ସମସ୍ତେ ନିର୍ବାଣ ଲଭନ୍ତି ବୋଲି, ଏ ବ୍ରତ ପାଳନାର୍ଥେ କାହାକୁ ମନା କରିହେବ ନାହିଁ। ପୂଜା ବା ଉପାସନା ଏକ ନିଷ୍ଠା। ନିଷ୍ଠାବାନ ପୁରୁଷ ତା' ଲକ୍ଷ୍ୟସ୍ଥଳରେ ପହଂଚିବାରେ ଦୃଢପ୍ରତିଜ୍ଞ କାରଣରୁ ତା' ପ୍ରଚେଷ୍ଟା ଅସଫଳ ନୁହେଁ । ଏଥିପାଇଁ ଉଭୟ ଶାରୀରିକ ଏବଂ ମାନସିକ ବଳର ଆବଶ୍ୟକତା ଅଛି। କେବଳ ସାମର୍ଥ୍ୟବାନ୍ ପୁରୁଷ ତଥା ବିଜ୍ଞ ଶରୀରତତ୍ତ୍ୱବିତ୍ ଏ ସଂପର୍କରେ ସଚେତନ ଥାଆନ୍ତି। ଏମିତି ଅନେକ ସ୍ୱାସ୍ଥ୍ୟ ତଥା ଏ ଏକାଦଶୀ ପାଳନର ଯଥାର୍ଥତା ଅଛି।




# ଶ୍ମଶାନ ବୈରାଗ୍ୟ ସଂପର୍କୀତ ଆଲୋଚନାଚକ୍ର



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଆନ୍ତର୍ଗତ ଉତରପ୍ରତାପ ପଂଚାୟତ ନୀଳକଂଠପୁର ଠାରେ ଚିନ୍ମୟ ଚେତନା ଅନୁଷ୍ଠାନ ପକ୍ଷରୁ ଶ୍ମଶାନ ବୈରାଗ୍ୟ ସଂପର୍କୀତ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରାବନ୍ଧିକ ବାମଦେବ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ କବି ଡ. ରାଜକିଶୋର ପାଢୀ, ସମ୍ମାନୀୟ ଅତିଥି ଭାବେ ପ୍ରାବନ୍ଧିକ ମନୋରଂଜନ ମହାନ୍ତି, ପ୍ରବଚକ କାମଦେବ ଶତପଥୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଡ. ରବିନ୍ଦ୍ର ବିହାରୀ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଇନରହୁଇଲ କ୍ଲବର ପୁର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ ଓ ମିନତୀ ସାହୁ ପ୍ରମୁଖ ଯୋଗଦେଇ ଶ୍ମଶାନ ବୈରାଗ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଚିନ୍ମୟ ଚେତନା ସ୍ମୃତି ସଂସଦ ପକ୍ଷରୁ ୧୧ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଡ. ରବିନ୍ଦ୍ର ବିହାରୀ, ବୀରବର ବେହେରା ଓ ଧନେଶ୍ୱର ବେହେରାଙ୍କୁ ଚଳିତ ବର୍ଷ ଅତିଥିମାନେ ଚିନ୍ମୟ ଚେତନା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମହେଶ୍ୱର ପାଢୀ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସତ୍ୟସାଇ ବାବା ଓ ସ୍ୱର୍ଗତ ଡ. ଚିନ୍ମୟଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ ଡା. ବିଜୟ କୁମାର ଶତପଥୀ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ପ୍ରମୁଖ ଯୋଗଦେଇ ଚିନ୍ମୟ ଚେତନା ଉପରେ ଆଧ୍ୟାତ୍ମିକ ଆଲୋଚନା କରିଥିଲେ । କବି ପଦ୍ମଜା ଶରଣ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଗବନ୍ଧୁ ଶତପଥୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ପ୍ରଭାତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ସାଇକୃପା ଓ ରୁତୁପୁର୍ଣ୍ଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ଓ ବିରୁପାକ୍ଷ ଶରଣ ଉତ୍ସବକୁ ପରିଚାଳନା କରିଥିଲେ ।

# ପ୍ରାର୍ଥୀ ଚୟନରେ ଭୁଲ ନିଷ୍ପତ୍ତି ଯୋଗୁଁ ବିଜେଡି ହାତରୁ ଗଲା ୬ନଂ ଜୋନ

ଖଣ୍ଡପଡା,(ପି.ଏନ): ନୟାଗଡ ଜିଲ୍ଲାର ଅଧିକାଂଶ ଜିଲ୍ଲା ପରିଷଦ ଜୋନରେ ଶାସକ ବିଜେଡି ଦଳର ପ୍ରାର୍ଥୀ/ପ୍ରାର୍ଥୀନି ବିଜୟୀ ହୋଇଥିବା ବେଳେ ଖଣ୍ଡପଡା ବ୍ଲକ ଅଧିନ ୬ନଂ ଜିଲ୍ଲା ପରିଷଦ ଜୋନଟି ବିଜେଡି ହାତରୁ ଖସିଛି । ଉକ୍ତ ଜୋନରୁ ପ୍ରତିଦ୍ୱନ୍ଦିତା କରୁଥିବା ବିଜେଡି ପ୍ରାର୍ଥୀନି ରଂଜିତା ସାହୁ (୭୩୬୦ ଖଣ୍ଡ ଭୋଟ)ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ସ୍ୱାଧୀନ ପ୍ରାର୍ଥୀନି ଉଜ୍ଜଳ ମହାରଣା(୧୧୨୨୪ ଖଣ୍ଡ ଭୋଟ)ଙ୍କ ଠାରୁ ବିପୁଳ ଭୋଟ ବ୍ୟବଧାନରେ ପରାଜୟ ବରଣ କରିବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଶାସକ ଦଳ ପକ୍ଷରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ରଂଜିତାଙ୍କୁ ଟିକେଟ ପ୍ରଦାନ ପରେ ବିଜେଡିର ଆଗଧାଡିର ନେତା, କର୍ମୀ ଓ ସଂଗଠକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଖୋଲାଖୋଲି ଭାବେ ବିଦ୍ରୋହର ସ୍ୱର ଉଠାଇଥିଲେ । ଉକ୍ତ ଜୋନରୁ ପ୍ରତିଦ୍ୱନ୍ଦିତା କରୁଥିବା ସ୍ୱାଧୀନ ପ୍ରାର୍ଥୀନି ଉଜ୍ଜଳ ମହାରଣାଙ୍କୁ ବିଜେଡିର ଅସଂତୁଷ୍ଟ ନେତା ଓ କର୍ମୀମାନେ ସମର୍ଥନ ଦେବା ଫଳରେ ସ୍ୱାଧୀନ ପ୍ରାର୍ଥୀନି ଶ୍ରୀମତି ମହାରଣା ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ଜଣାପଡିଛି । ସ୍ୱାଧୀନ ପ୍ରାର୍ଥୀଙ୍କ ଯୋଗୁଁ ବିଜେଡି ପ୍ରାର୍ଥୀନି ପରାଜୟ ବରଣ କରିଥିବା ବେଳେ ବିଜେଡି ଦଳରେ ଥିବା ଗୋଷ୍ଠୀ କନ୍ଦଳ ଏବେ ପଦାରେ ପଡିଛି । ଖାଲି ଚଳିତ ନିର୍ବାଚନରେ ନୁହେଁ ଗତ ୨୦୧୭ ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଚଂାୟତ ନିର୍ବାଚନରେ ଉକ୍ତ ୬ନଂ ଜୋନରୁ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିବା ଅମିତ କୁମାର ମହାରଣା ମଧ୍ୟ ସେହି ସମୟରେ ସ୍ୱାଧୀନ ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହୋଇଥିଲେ । କ୍ରମାଗତ ଭାବେ ୨ଥର ଶାସକ ବିଜେଡି ଦଳ ହାତରୁ ୬ନଂ ଜିଲ୍ଲା ପରିଷଦ ଜୋନ ଖସିଥିବା ବେଳ ଶାସକ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ବେଳେ ଯୋଗ୍ୟ, ଦକ୍ଷ ଓ ନିର୍ମଳ ଭାବମୂର୍ତ୍ତୀ ସଂପନ୍ନ ବ୍ୟକ୍ତି ବିଶେଷଙ୍କୁ ଅଣଦେଖା କରାଯିବାର ପରିଣତି ଆଜି ଶାସକ ଦଳକୁ ଭୋଗିବାକୁ ପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଅପରପକ୍ଷେ ଖଣ୍ଡପଡା ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ମଧ୍ୟ ଦଳ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି ।

# ୬ନଂ ଜିଲ୍ଲା ପରିଷଦ ଓ ୫ଟି ପଂଚାୟତର ବିଜୟୀ ସରପଂଚ ଓ ସମିତିସଭ୍ୟ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ ୬ନଂ ଜିଲ୍ଲା ପରିଷଦ ଜୋନ ଓ ଉକ୍ତ ଜୋନ ଅଧିନ ୫ଟି ପଂଚାୟତର ନବ ନିର୍ବାଚିତା ସରପଂଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟ/ ସଭ୍ୟାଙ୍କ ତାଲିକା ପ୍ରକାଶ ପାଇଛି । ୬ନଂ ଜିଲ୍ଲା ପରିଷଦ ଜୋନରୁ ସ୍ୱାଧୀନ ପ୍ରାର୍ଥୀନି ଉଜ୍ଜଳ ମହାରଣା ୩୮୬୪ ଖଣ୍ଡ ଭୋଟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ବିଜେଡି ପ୍ରାର୍ଥୀନି ରଂଜିତା ସାହୁଙ୍କୁ ପରାସ୍ତ କରି ବିଜୟୀ ହୋଇଥିବା ନିର୍ବାଚନ ଫଳାଫଳରୁ ଜଣାପଡିଛି । ଉଜ୍ଜଳ ସର୍ବମୋଟ ୧୧,୨୨୪ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀନି ରଂଜିତା ୭୩୬୦ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି । ସେହିପରି ବିଜେପି ପ୍ରାର୍ଥୀନି କବିତା ରାଉତ ୧୩୬୩ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀନି ମାଳତି ବେହେରା ମାତ୍ର ୧୫୩ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି । ୬ନଂ ଜିଲ୍ଲା ପରିଷଦ ଜୋନ ଅଧିନ କଂଟିଲୋ ବୋଦସା, ବାଣପୁର, ବେଣାଗାଡିଆ, ସିଧାମୂଳା ପ୍ରଭୃତି ୫ଟି ପଂଚାୟତରୁ ନବ ନିର୍ବାଚିତ ସରପଂଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ/ ସଭ୍ୟାଙ୍କ ନାମ ଘୋଷଣା କରାଯାଇଛି । କଂଟିଲୋ ପଂଚାୟତର ସରପଂଚ ଭାବେ ଶ୍ରୀୟାରାଣୀ ବେହେରା ୨୧୨୭ ଖଣ୍ଡ ଓ ସମିତିସଭ୍ୟା ଶିଖା ବେହେରା ୨୦୧୪ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ବୋଦସା ପଂଚାୟତର ସରପଂଚ ଭାବେ ପୁଷ୍ପାଜଂଳି ରାଉତ ୧୩୪୭ ଖଣ୍ଡ ଓ ସମିତିସଭ୍ୟା ସୁଜାତା ବସ୍ତି ୧୩୯୯ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ବେଣାଗାଡିଆ ପଂଚାୟତର ସରପଂଚ ଭାବେ ବଳରାମ ମଲ୍ଲିକ ୩୫୩୯ ଖଣ୍ଡ ଓ ସମିତିସଭ୍ୟା ରଂଜୁ ଦଳେଇ ୪୧୧୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ବାଣପୁର ପଂଚାୟତର ସରପଂଚ ଭାବେ ପ୍ରତିମା ପ୍ରଧାନ ୨୧୪୪ ଖଣ୍ଡ ଭୋଟ ଓ ସମିତିସଭ୍ୟା ସ୍ମିତାରାଣୀ ରାଉତ ୧୯୬୯ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ସେହିପରି ସିଧାମୂଳା ପଂଚାୟତର ସରପଂଚ ଭାବେ ଗିତାଜଂଳି ଜେନା ୧୮୪୨ ଖଣ୍ଡ ଓ ସମିତିସଭ୍ୟ ମହେଶ୍ୱର ରାଉତ ୧୩୭୦ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ଖଣ୍ଡପଡା ବିଡିଓ ତଥା ନିର୍ବାଚନ ଅଧିକାରିଣୀ ଅରୁଣୀମା ସାହୁଙ୍କ ଠାରୁ ପ୍ରକାଶ ।

## ସତ୍ୟସାଇ ପୁଃନବସତି ଶିବିର

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଣ୍ଡୁଆସ୍ଥିତ ସାଇ ଆରୋଗ୍ୟମ ପକ୍ଷରୁ ସତ୍ୟସାଇ ପୁନଃବସତି ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଭୋର ସାଢେ ଚାରିଟାରୁ ଯଥାବିଧି ପାଳନ କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲା କେନ୍ଦ୍ରାପଡା, ଯାଜପୁର, ଜଗତସିଂପୁର,କଟକ ଆଦି ଅଂଚଳର ୧୫ ଜଣ ରୋଗୀଙ୍କ ସୁଦୁର ପ୍ରଶାନ୍ତି ନିଳୟମସ୍ଥିତ ସୁପର ସ୍ପେସିଆଲିଷ୍ଟ ହସପିଟାଲ, ବାଙ୍ଗାଲୋରର ହ୍ୱାଇଟଫିଲ୍ଡ ଓ ରାଜକୋଟସ୍ଥିତ ଡାକ୍ତରଖାନା ମାନଙ୍କରେ ହୃଦରୋଗୀ, ଭାଲବ୍ ରିପ୍ରେସମେଂଟ, ପିଟିଆଇଏନଆର ରୋଗୀଙ୍କୁ ନିଶୁଳ୍କ ଅପରେସନ କରାଯିବା ପାଇଁ ଚିହ୍ନଟ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନ,ଟେଲି ମେଡିସିନ ର ସଂଯୋଜକ ଡା. ଚନ୍ଦନ କୁମାର ଦାସ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନ ଟ୍ରଷ୍ଟର ସଦସ୍ୟ ରଶ୍ମୀରନ ରାୟ, ଇନରହୁଇଲ କ୍ଲବ ଜାରକା ପୁର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ବାଲବିକାଶ ଗୁରୁମା ପ୍ରମୋଦିନୀ ସାମଲ, ଜିଲ୍ଲା ସତ୍ୟସାଇ ମହିଳାସେବା ସଂଯୋଜିକା, ପ୍ରଣତି ନାୟକ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସଚେତନ ଉପରେ ପରାମର୍ଶ ଦେଇଥିଲେ । ଶିବିରକୁ ଶ୍ରୀ ସତ୍ୟସାଇ ସେବାସମିତି ଜାରକା, ସାଥୁଆପାଟଣା ଭଜନ ମଣ୍ଡଳୀ ଓ ନିଶିମଳାର ସମସ୍ତ ଭାଇ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ମନ୍ଦିର ରାସ୍ତାକୁ ସଫା କଲେ ସ୍ୱେଚ୍ଛାସେବୀ

ଖଣ୍ଡପଡା,(ପି.ଏନ): ଆସନ୍ତା ୧ ତାରିଖରେ ମହାଶିବରାତ୍ରୀ ଅନୁଷ୍ଠିତ ହେବ । ଖଣ୍ଡପଡା ସହରର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀ ସୁବର୍ଣ୍ଣେଶ୍ୱର ଦେବଙ୍କ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାକୁ ସ୍ୱେଚ୍ଛାସେବୀମାନେ ସଫା ସୁତୁରା କରିଥିବା ଜଣାଯାଇଛି । ମହାଶିବରାତ୍ରୀ ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡକୁ ନଜରରେ ରଖି ୧୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ବାପି ମହାଁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମନ୍ଦିର ରାସ୍ତାରୁ ଅନାବନା ଗଛ ଲତା ସଫା କରିବା ସହ ମନ୍ଦିର ବେଢାର ଚତୁର୍ପାର୍ଶ୍ୱକୁ ମଧ୍ୟ ସୋମବାର ଦିନ ତମାମ ସଫା କରିଥିଲେ ।

# ଶ୍ରଦ୍ଧା ନଥାଇ ହୃଦଗତେ, ମୁଁ ତାହା ଭୁଂଜିବି କେମନ୍ତେ



ଉମା ଶଙ୍କର ପ୍ରସାଦ

ଭାରତୀୟ ସଂସ୍କୃତିରେ ଶିବ ଉପାସନାର ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ରହିଛି । ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ପରଂବ୍ରହ୍ମ ସଚ୍ଚିଦାନନ୍ଦ ଭାବେ ଗ୍ରହଣ କରାଯାଏ । ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏବେ ମଧ ସମସ୍ତ ମଙ୍ଗଳମୟ କର୍ମ ରୂପେ ରୁଦ୍ରାଭିଷେକ ମାଧ୍ୟମରେ ପ୍ରଚଳିତ ରହିଛି । ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିର ରାତ୍ରୀ ଶିବରାତ୍ରୀ ଭାବେ ପରିଚିତ । ଏହି ଶିବରାତ୍ରି ଦିନ ଉପବାସ ରହିବା ସହ ରାତ୍ରି ଉଜାଗର ରହି ନିଜ ହୃଦୟ କନ୍ଦରରେ ଶିବଙ୍କୁ ଆରାଧନା କରିବା ବିଧୟ କାରଣ ଉପବାସ ଦ୍ୱାରା ମନ, ପ୍ରାଣ ଓ ଶରୀର ପବିତ୍ର ହେବାସହ ଆତ୍ମାଶକ୍ତି ଦୃଢିଭୂତ ହୋଇଥାଏ । ସାଂସାରିକ ବ୍ୟକ୍ତିମାନେ ଯେଉଁ ବିଷୟ ବାସନା ପାଇଁ ଜାଗ୍ରତ ରହିଥାନ୍ତି ଆତ୍ମଦର୍ଶୀ ଜ୍ଞାନୀମାନେ ସେଥିପ୍ରତି ବିମୁଖ ରହିଥାନ୍ତି । ତେଣୁ ଭଗବାନ ଗୀତାରେ କହିଛନ୍ତି ଯିଏ ମୋତେ କାମନା ରହିତ ହୋଇ ଆରାଧନା କରେ ସେ ମୋର ସାନ୍ନିଧ୍ୟ ଲାଭ କରିଥାଏ । ଏହି ଆଧାରରେ ସୁନ୍ଦର କାହାଣୀଟିଏ ମନେପଡେ । ପ୍ରାଚୀନ କାଳରେ ଜଣେ ଶିବଭକ୍ତ ରାଜା ଥିଲେ । ସେ ଦିନେ ବିଚାର କଲେ ଆସନ୍ତା ସୋମବାରରେ ପଡିଥିବା ପବିତ୍ର ଜାଗର ଦିନ ଶିବଙ୍କ ହିରଣ୍ୟ ଗର୍ଭକୁ ନିରୁତା ଦୁଧରେ ପୂର୍ଣ୍ଣ କରିବା ପାଇଁ । ଏହି କଥା ରାଜା ନିଜର ପ୍ରଧାନମନ୍ତ୍ରୀଙ୍କୁ ଜଣାଇ ଦେଇ ଏହାର ସୁ ବନ୍ଦୋବସ୍ତ କରିବାକୁ ଅଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ସଙ୍ଗେ ସଙ୍ଗେ ନାଗରା ବଜାଇ ସାରା ଦେଶର ଗୋପାଳ ମାନଙ୍କୁ ରାଜାଙ୍କ ଆଦେଶ ଶୁଣାଇ ଦେଇ କହିଥିଲେ ଆସନ୍ତା ସୋମବାର ଦିନ ଯାହାର ଯେତେ କ୍ଷୀର ସବୁତକ ଆଣି ମନ୍ଦିରରେ ଥିବା ଶିବ ଙ୍କ ହିରଣ୍ୟ ଗର୍ଭରେ ଢାଳିଦେବ । ସୋମବାର ଦିନ ରାଜାଙ୍କ ଆଦେଶ ମୁତବକ ରାଜ୍ୟର ସମସ୍ତ ଗୋପାଳ ମାନେ ବାଛୁରୀ ମାନଙ୍କୁ କ୍ଷୀର ପିଇବାକୁ ନଦେଇ, ନିଜର ଛୋଟ ଛୋଟ ଶିଶୁ ମାନଙ୍କୁ ତଥା ନିଜର ଦୈନନ୍ଦିନ ଗ୍ରାହକ ମାନଙ୍କୁ କ୍ଷୀର ନଦେଇ, ହଜାର ହଜାର ମାଠିଆ କ୍ଷୀର ଆଣି ଶିବଙ୍କ ହିରଣ୍ୟ ଗର୍ଭରେ ଢାଳିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଭଗବାନ ଆଶୁତୋଷ ଶିବଙ୍କ ହିରଣ୍ୟ ଗର୍ଭ ପୂରି ନଥିଲା । କିଛି ସମୟ ପରେ ସେହି ପାଖରେ ରହୁଥିବା ଜଣେ ବୁଢୀମା ଗ୍ଲାସେ କ୍ଷୀର ଆଣି ଶିବଙ୍କ ହିରଣ୍ୟ ଗର୍ଭରେ ଢାଳି ଦେବା ମାତ୍ରେ ହିରଣ୍ୟ ଗର୍ଭ ପୂରି ଉଠିଥିଲା । ଆଖି ପିଛୁଳାକେ ଏ ଖବର ରାଜାଙ୍କ କର୍ଣ୍ଣଗୋଚର ହୋଇଥିଲା । ଆସନ୍ତା ସୋମବାର ଦିନ ପୁନର୍ବାର ଗୋପାଳ ମାନଙ୍କୁ ଅଧିକ ପରିମାଣର କ୍ଷୀର ଆଣି ଢାଳିବା ପାଇଁ ରାଜା ସମସ୍ତ ଗୋପାଳ ମାନଙ୍କୁ ଆଦେଶ ଦେଇଥିଲେ । ଏଥର ମଧ ସେହି ପୂର୍ବାବସ୍ଥା । ଯେତେ କ୍ଷୀର ଢାଳିଲେ ମଧ ଶିବଙ୍କ ହିରଣ୍ୟ ଗର୍ଭ ପୁରିନଥିଲା । କିଛି ସମୟପରେ ସେହି ବୁଢୀମା ମାତ୍ର ଗ୍ଲାସେ କ୍ଷୀର ଆଣି ଢାଳିଦେବା ମାତ୍ରେ ଗର୍ଭ ପୂରି ଉଠିଥିଲା । ଏକଥା ରାଜା ଶୁଣି ଗୋପାଳମାନଙ୍କୁ ବାହାର ରାଜ୍ୟରୁ ହଜାର ହଜାର କ୍ଷୀର ମଗାଇ ନିଯେ ଉପସ୍ଥିତ ରହି ହିରଣ୍ୟଗର୍ଭରେ ଢାଳିଥିଲେ, ମାତ୍ର ଗର୍ଭ ଅପୂର୍ଣ୍ଣ ରହିଥିଲା । କିଛି ସମୟ ପରେ ସେହି ବୁଢୀମା କ୍ଷୀର ଗ୍ଲାସ ଧରି ପହଂଚି ଶିବଙ୍କ ହିରଣ୍ୟ ଗର୍ଭରେ ଢାଳିଦେବାରୁ ଗର୍ଭ ପୂରିଉଠିଥିଲା । ବୁଢୀମା ନିଜର କ୍ଷୀରଢାଳି ଶିବଙ୍କୁ ପ୍ରଣିପାତ ଜଣାଇ କିଛିବାଟ ଗଲାପରେ ପଛରୁ ରାଜା ଯାଇ ବୁଢୀର ହାତ ଧରିନେଲେ । ରାଜାଙ୍କୁ ଦେଖି ବୁଢୀ ଭୟରେ ଥରି ଉଠିଥିଲା । ରାଜା କହିଥିଲେ କିଛି ଭୟକରନି ମା', ମୁଁ ଆପଣଙ୍କ ଠାରୁ ଜାଣିବାକୁ ଚାହୁଁଛି ଆପଣ କେଉଁ ମନ୍ତ୍ର ବଳରେ ବା କେଉ ଯାଦୁ ବଳରେ ମାତ୍ର ଗୋଟିଏ ଗ୍ଲାସ କ୍ଷୀରରେ ଶିବଙ୍କ ହିରଣ୍ୟଗର୍ଭ ପୂର୍ଣ୍ଣ କରି ଦେଉଛନ୍ତି । ବୁଢୀ ଅତି ନମ୍ରତାର ସହ କହିଥିଲା ହେ ରାଜନ ଏଥିରେ କୌଣସି ଯାଦୁ ବା ମନ୍ତ୍ର କିଛିନାହିଁ! ରାଜା କହିଲେ ତେବେକୁହ ମୋ ରାଜ୍ୟର ତଥା ବାହାର ରାଜ୍ୟର ହଜାର ହଜାର ମାଠିଆ କ୍ଷୀର ଢଳା ଯାଇଥିଲେ ସୁଦ୍ଧା ଗର୍ଭ ପୂରି ନଥିଲା ମାତ୍ର ଆପଣ ମାତ୍ର ଗ୍ଲାସଟିଏ କ୍ଷୀର ଢାଳି ଦେବାରୁ ତାହା ପୂରିଯାଉଛି କିପରି ? ବୁଢୀ କହିଥିଲା ହେ ମଣିମା ଏହା ଅତି ସାଧାରଣ କଥା । ମୋର କ୍ଷୀର ଦୁହିଁ ସାରିବା ମାତ୍ରେ ଆଗ ଗୋପାଳଙ୍କ କ୍ଷୀର ଭାଗଦେଇ ସାରି ମୋର ପିଲାମାନଙ୍କୁ କ୍ଷୀରପଇେଦିଏ । ତାପରେ ନିଜଘର ଖର୍ଚ୍ଚ କ୍ଷୀର ରଖିଦେଇ ଆଉ ଅବଶେଷ କ୍ଷୀର ଆଣି ଶିବଲିଙ୍ଗ ଉପରେ ଢାଳିଦେଲେ ଗର୍ଭ ପୂରିଯାଇଥାଏ । ଭଗବାନ ଶିବଙ୍କ ପାଇଁ ମୁ ଯେଉଁକ୍ଷୀର ଆଣିଥାଏ ତହିଁରେ ମୋର ଲୋଭ ନଥାଏ, ଦୁଃଖ ନଥାଏ, ଆଶା ମଧ ନଥାଏ । ମୋ ଭକ୍ତି,ସ୍ନେହ,ମମତା ସେ କ୍ଷୀରରେ ମିଶିଥାଏ । କ୍ଷୀର ନୁହେଁ ମୋର ସେ ଭକ୍ତି ଶ୍ରଦ୍ଧାକୁ ମଙ୍ଗଳମୟ ଶିବ ଗ୍ରହଣ କରି ସନ୍ତୁଷ୍ଟ ହେବାରୁ ତଙ୍କ ହିରଣ୍ୟ ଗର୍ଭ ପୂରିଯାଏ । ହେ ରାଜନ ଆପଣ ନିଜର ରାଜଶକ୍ତିର ଅହମିକାରେ ହଜାର ହଜାର ଶିଶୁ, ବୃଦ୍ଧ, ତଥା ରୋଗୀମାନଙ୍କ ପେଟରୁ କାଟି ସବୁକ୍ଷୀରକୁ ଲୋକମାନଙ୍କ ଅନିଚ୍ଛା ସତ୍ତ୍ୱେ ଆଣିଥିବାରୁ ସେଥିରେ ରାଜଭୟ, ଦୁଃଖ, ବିଷାଦ ଆଦି ମିଶିଥାଏ । ଭକ୍ତି ଓ ଶ୍ରଦ୍ଧାର ଅଭାବ ଥାଏ ତେଣୁ "ଶ୍ରଦ୍ଧା ନଥାଇ ହୃଦଗତେ, ମୁଁ ତାହା ଭୁଂଜିବି କେମନ୍ତେ" । ମୋ ପ୍ରଭୁ ଆପଣଙ୍କର ଏ ଅହଙ୍କାର ମିଶ୍ରିତ ସେବା ଗ୍ରହଣ ନକରିବାରୁ ହିରଣ୍ୟଗର୍ଭ ଅପୂର୍ଣ୍ଣ ରହିଯାଏ । ଏହାପରେ ମୁକୁଟମଂଡିତ ରାଜଶିର ଭକ୍ତିମତି ବୁଢୀମାଆର ପଦ ସ୍ପର୍ଶ କରିବା ସହ ନିଜର ଭୁଲ ବୁଝିପାରି ରାଜା ଏ ପ୍ରକାର ସେବାରୁ ବିରତ ହୋଇଥିଲେ । ଭଗବାନଙ୍କୁ ସମର୍ପଣ କରୁଥିବା ପଦାର୍ଥରେ ନିଜର ଆଶା, ଆଶଙ୍କା ତଥା କାମନା ରହିତ ହେଲେ ଆଶୁତୋଷ ଶିବ ଅଳ୍ପକେ ସନ୍ତୋଷ ହୋଇଥାନ୍ତି ।

ସମ୍ପାଦକ, ମାର୍ଗଦର୍ଶୀ
ଖୋର୍ଦ୍ଧା-୬୩୭୦୬ ୭୫୫୬୨

# ଓଁ ନମଃ ଶିବାୟଃ




ଡାଃ ସୁରେନ୍ଦ୍ର ନାଥ ଦାଶ

ଦେବାଧିଦେବ ମହାଦେବଙ୍କର ଶ୍ରେଷ୍ଠପର୍ବ ଜାଗର ଅମାବାସ୍ୟା । ଶିବ ପୁରାଣରେ ଏହାର ମହାତ୍ମ୍ୟ ବିଷୟରେ ବିଶଦ ବର୍ଣ୍ଣନା ହୋଇଚି । ଭକ୍ତ ଜାଗର ରାତିରେ ଉଜାଗର ହୋଇ ବାବାଙ୍କୁ ଜଳ ଓ ବିଲ୍ୱପତ୍ର ଦେଇ ଆରାଧନା କଲେ ଅଶେଷ ପୁଣ୍ୟ ଅର୍ଜନ କରି ଶିବ ଧାମକୁ ଯାତ୍ରା କରିବାର ଯୋଗ୍ୟତା ହାସଲ କରେ । କାଳକୁ ଜୟ କରିଥିବା ତ୍ରୀନୟନ ମହାକାଳ ହିଁ ମାନବ କୁ ଆଶୁ ମୁକ୍ତି ପ୍ରଦାନ କରିବାରେ ଏକମାତ୍ର ସକ୍ଷମ ।

ଅନେକ ଦିନ ତଳର କଥା । ଜଙ୍ଗଲରେ ଥିବା ଗୋଟିଏ ବ୍ୟାଧ ପଶୁ ଶିକାର କରି ଜୀବିକା ନିର୍ବାହ କରୁଥିଲା । ପ୍ରାଣୀ ହତ୍ୟା ଯେ ମହା ପାପ,ସକଳ ଘଟେ ନାରାୟଣ, ଏ କଥା ମୁର୍ଖ ମ୍ଳେଚ୍ଛ ବ୍ୟାଧ କିପରି ଜାଣିବ ?
ବଣରେ ଥିବା ଜଳ ଉତ୍ସ ମାନଙ୍କ ପାଖରେ ଲୁଚିରହି ସେଠାକୁ ଜଳ ପାନ ପାଇଁ ଆସୁଥିବା ତୃଷାର୍ତ୍ତ ପଶୁ ଙ୍କୁ ଶର ମାରି ହତ୍ୟା କରିବା ତାର ଅଭ୍ୟାସ ଥିଲା । ସେଦିନ ଥିଲା ଜାଗର ଅମାବାସ୍ୟା । ଜଙ୍ଗଲରେ ରହୁଥିବା ମୁର୍ଖ ଶବର କାହିଁକି ବାଏହାର ମହାତ୍ମ୍ୟ ଜାଣିବ ? ସବୁ ଦିନ ଭଳି ସଂଜ ଆଗରୁ ଶିକାର ଉଦ୍ଦେଶ୍ୟରେ ବାହାରିଗଲା । ଅରଣ୍ୟ ରାଜ୍ୟରେ ଗ୍ରୀଷ୍ମର ଉଷ୍ଣତା ଅନୁଭବ ହେଲାଣି । ଜଳ ସ୍ତର କମିଗଲାଣି । ବୃକ୍ଷ ମାନ ଙ୍କରେ କଅଁଳ ପତ୍ର ଭରିଗଲାଣି । ନାନା ପ୍ରକାର ବଣ ଫୁଲର ସୁଗନ୍ଧିରେ ପ୍ରକୃତି ଭରି ଯାଇଛି । ସବୁ ପଶୁ ଜଳ ଉତ୍ସ ଖୋଜିବାକୁ ବିକଳ ହେଉଛନ୍ତି ।ବ୍ୟାଧ ଗୋଟିଏ ଝରଣା ପାଖରେ ପହଂଚି ସ୍ଥାନଟି ପରଖି ନେଲା । ଝରଣା ପାଖରେ ବେଲ ଗଛ ଟି ଅଛି । ଝରଣା କୂଳରେ ପଶୁ ମାନଙ୍କର ପାଦ ଚିହ୍ନ ପଡିଛି । ଆଶାନ୍ୱିତ ଶବର ବେଲଗଛରେ ରାତିରେ ବସିବା ପାଇଁ ମଂଚା ଟିଏ ତିଆରି କଲା । ଗୋଟେ ମାଠିଆରେ ଜଳ ନେଇ ପାଖରେ ରଖିଲା । ହାତରେ ଧନୁ ଧରି ପଶୁଙ୍କ ଆଗମନକୁ ଚାହିଁ ରହିଲା । ସୂର୍ଯ୍ୟ ବୁଡି ଗଲେଣି । ବଣରାଇଜରେ ଅନ୍ଧାର ମାଡି ଆସିଲାଣି । ନାନା ପ୍ରକାର ପକ୍ଷୀଙ୍କ ଘର ଫେରନ୍ତା ରାବରେ ଉଛୁଳି ପଡିଲା ବନଭୂମି । ରାତ୍ରିଚର ପଶୁ ମାନେ ଖାଦ୍ୟ ଅନ୍ୱେଷଣରେ ନିଜନିଜର ଆଶ୍ରୟ ସ୍ଥଳରୁ ବାହାରିଲେଣି । ସେମାନଙ୍କର ଦୃତ ପଦଶବ୍ଦ ଅସ୍ପଷ୍ଟ ଶୁଭି ଯାଇଛି । ଖାଦ୍ୟ ଖାଦକର ଲୁଚୁକାଳି ଖେଳ ଚାଲିଚି । ଜଣେ ଗୋଡାଉଚି ଆଉ ଜଣେ ପ୍ରାଣ ରକ୍ଷା ପାଇଁ ପଳାଉଛି । ସୃଷ୍ଟିର ଆବାହମାନ କାଳରୁ ଏ ଖେଳ ଚାଲିଛି ।
ଆକାଶରେ ତାରକା ମାନ ଜଳି ଉଠିଲେଣି । ବଣରେ ଫୁଟୁଥିବା ନାନା ଫୁଲର ସୁବାସିତ ମହକ ଚାରିଆଡେ ଘୁରି ବୁଲିଲାଣି । ଶୃଗାଳ ମାନ ଙ୍କର ହୁକେ ହୋ ରଡି ସୁଚାଇଦେଲା ଯେ, ରାତ୍ର ପ୍ରଥମ ପ୍ରହର ସମାପ୍ତ ହେବାକୁ ଯାଇଚି । ହଟାତ ଝରଣା କଡରେ ସତର୍କ ଚାଲିରେ ପୁରୁଷ ହରିଣଟିଏ ଜଳ ପାନ ପାଇଁ ପହଂଚିଗଲା । କୌଣସି ଅସ୍ୱାଭାବିକ ଶବ୍ଦ ଶୁଣିବା ପାଇଁ କର୍ଣ୍ଣ ଦୁଇଟିକୁ ଟେକି ଦେଇ ଧିରେ ଧିରେ ଜଳ ପାଖକୁ ଅଗ୍ରସର ହେଲା ।ଏଣେ ବୃକ୍ଷରେ ଥିବା ଶିକାରୀ ଏକ ବୃହତ ମୃଗଦେଖି ଆନନ୍ଦିତ ହୋଇ ଶର ସନ୍ଧାନ ପାଇଁ ଉଦ୍ୟମ କଲା ବେଳେ ବୃକ୍ଷରେ କମ୍ପନ ସୃଷ୍ଟି ହୋଇ ମାଠିଆରୁ ଜଳ ଓ ବୃକ୍ଷ ରୁ କିଛି ବେଲପତ୍ର ଖସି ମୂଳରେ ପଡିଲା । ଦୈବ ଯୋଗୁ ବୃକ୍ଷ ମୂଳରେ କେଉଁ କାଳରୁ ଏକ ଶିବ ଲିଙ୍ଗ ଅପୂଜା ରହିଥିଲେ । ଜାଗର ଅମାବାସ୍ୟାରେ ବେଲପତ୍ର ଓ ଜଳ ଲିଙ୍ଗରେ ପଡିବା କୁ ବାବା ତାହା ଗ୍ରହଣ କଲେ । ପ୍ରଥମ ପ୍ରହର ପୂଜା ସମାପ୍ତ ହେଲା ଓ ବ୍ୟାଧର କିଛି ପାପ ବିନିଷ୍ଟ ହୋଇ ମନରେ କିଂଚିତ ପୁଣ୍ୟ ଭାବନା ଉଦୟ ହେଲା । ବୃକ୍ଷ ଦୋହଲିବା ଶବ୍ଦରେ ମୃଗ ସତର୍କ ହୋଇ ଉଠିଲା । ଉପରକୁ ମୁହଁ ଟେକି କୃତାନ୍ତ ସମ ବ୍ୟାଧ କୁ ଶର ସନ୍ଧାନ ଅବସ୍ଥାରେ ଦେଖିଲା । ନିଜର ଶେଷ ସମୟ ଉପଗତ । ମୃତ୍ୟୁ ଦ୍ୱାର ଦେଶରେ । ଆହା ! ପରିବାରର ମୁଖ ଆଉ ଦେଖିବି ନାହିଁ । ତଥାପି ଆଶା ନ ହରାଇ ବ୍ୟାଧକୁ ପ୍ରାର୍ଥନାକଲା, "ହେ ବ୍ୟାଧ ରାଜ, ତୁମର ମଙ୍ଗଳ ହେଉ,ତୁମେ ସାକ୍ଷାତ ମୃତ୍ୟୁର ଦୂତ । ତୁମ ଠାରୁ ରକ୍ଷା ପାଇବା ମୋର ସାଧ୍ୟର ବାହାରେ । ଜନ୍ମ ହେଲେ ମୃତ୍ୟୁ ସତ୍ୟ । ଆଜି ତୁମ ଶରରେ ନ ମରିଲେ କାଲି ବ୍ୟାଘ୍ର ମୁଖରେ ମରିବି । ଅନ୍ୟର ଖାଦ୍ୟ ହୋଇ ପୁଣ୍ୟ ଅର୍ଜନ କରିବି । ମରିବାକୁ ମୁଁ ଡରୁନି । ଘରେ ମୋର ପ୍ରାଣ ପ୍ରୀୟା ସ୍ତ୍ରୀ, ସ୍ନେହର ପୁତ୍ର ଓଏକ ଶିଶୁ କନ୍ୟା ଅଛି । ସଂସାର ମୋହରେ ମଲା ପୂର୍ବରୁ ସେମାନ ଙ୍କୁ ଥରେ ମନ ପୁରାଇ ଦେଖିବାକୁ ଇଛା ହେଉଚି । ମୁଁ ଅବଶ୍ୟ ସେମାନଙ୍କୁ ସାକ୍ଷାତ ପରେ ତତକ୍ଷଣାତ ତୁମ ପାଖରେ ହାଜର ହେବି । ଏହା ଦିବା ଲୋକ ଭଳି ସତ୍ୟ । ମୋର ଏ ପ୍ରାର୍ଥନା ଟି ପୂରଣ କରି ତୁମେ କିଛି ପୁଣ୍ୟ ଅର୍ଜନ କର ।"

ମୁଢ ବ୍ୟାଧ ଠାରୁ ଦୟା ଆଶା ବୃଥା । ଏହା ମୃଗ ଜାଣେ । ମାତ୍ର ଶିବଙ୍କ ଦୟାରୁ ବ୍ୟାଧର କିଛି ପାପ ବିନିଷ୍ଟ ହୋଇ ଦିବ୍ୟ ଚେତନା ଜାଗ୍ରତ ହୋଇ ସାରିଥିଲା । କିଛି ସମୟ ଭାବି ସେ ମୃଗକୁ ତା ପରିବାର ଙ୍କ ସହ ସାକ୍ଷାତ କରି ଶୀଘ୍ର ଫେରିବାକୁ କହି ଛାଡି ଦେଲା । ମୃଗଟି ଆନନ୍ଦ ମନରେ ପରିବାର ଅଭିମୁଖେ ଚାଲିଗଲା । ବ୍ୟାଧଟି ଗଛରେ ବସି ପରବର୍ତ୍ତି ଶୀକାର କୁ ଅପକ୍ଷା କରି ରହିଲା । ଦିତୀୟ ପ୍ରହର ସମାଗତ । ପବନ ସ୍ଥିର ହୋଇ ଗଲାଣି । ରାତ୍ରଚର ପକ୍ଷୀ ଙ୍କ 'ଡ'ଡ ଶବ୍ଦ ଶୁଭୁଚି । ଦୁର ରୁ ବ୍ୟାଘ୍ରର ଗର୍ଜନ ଭାସି ଆସି ବଣକୁ ଥରାଇ ଦେଉଛି । ଗୋଟିଏ ସ୍ତ୍ରୀ ହରିଣ ଧିରେଧିରେ ଜଳ ପାଖ କୁ ଅଗ୍ରସର ହେଉଚି । ବ୍ୟାଧ ଦେଖି ଖୁବ ଖୁସି ହୋଇ ଶର ମାରିବାକୁ ପ୍ରସ୍ତୁତ ହେଲା । ଶରୀର ଚାଳନା ଯୋଗୁ ବୃକ୍ଷ ଦୋହଲି ପୁଣି ଜଳ ଓ ବେଲ ପତ୍ର ମୂଳରେ ପଡି ଶିବଙ୍କ ଦ୍ୱିତୀୟ ପ୍ରହର ପୂଜା ସମ୍ପନ୍ନ ହେଲା । ଶିବଙ୍କ କରୁଣାରେ ବ୍ୟାଧର ଅର୍ଦ୍ଧ ପାପ ନାଶ ହୋଇ ପୁଣ୍ୟ ବୃଦ୍ଧି ପାଇଲା । ବୃକ୍ଷ ହଲିବାର ଶବ୍ଦରେ ସତର୍କ ହୋଇ ମୃଗୁଣୀ ଉପରକୁ ଚାହିଁ କୃତାନ୍ତ ସମ ବ୍ୟାଧକୁ ଦେଖିଲା । ସେ ବ୍ୟାଧକୁ ନିବେଦନ କଲା, "ହେ ବ୍ୟାଧ, ତୁମର ପୁଣ୍ୟ ହେଉ । ଘରେ ମୋର ସ୍ୱାମୀ, ପୁତ୍ର ଓ କନ୍ୟା ଅଛନ୍ତି । ସେମାନଙ୍କୁ ଶେଷ ସାକ୍ଷାତ କରି ମୁଁ ତୁମ ପାଖକୁ ନିଶ୍ଚୟ ଫେରି ଆସିବି ବୋଲି ଶପଥ କରୁଛି । ତାହା ନ କଲେ ମୁଁ କୁମ୍ଭିପାକ ନର୍କ ରେ ପତିତ ହେବି । ସଂସାର ମାୟାରେ ମୋର ଏ ଆସକ୍ତି । ମୋତେ ସେମାନ ଙ୍କ ସହ ଶେଷ ସାକ୍ଷାତର ସୁଯୋଗ ଦିଅ ।"
ବ୍ୟାଧଟି ଦୟାରେ ବିଗଳିତ ହୋଇ ତାକୁ ଛାଡି ଦେଲା ଓ ଶୀଘ୍ର ଆସି ପ୍ରତିଜ୍ଞା ପୁରଣ କରିବାକୁ ନିର୍ଦ୍ଦେଶ ଦେଲା । ଆନନ୍ଦରେ ମୃଗୁଣୀ ପରିବାର ଅଭିମୁଖେ ଚାଲିଗଲା । ଶୃଗାଳ ମାନଙ୍କର ହୁକେ ହୋ ରଡି ଦ୍ୱିତୀୟ ପ୍ରହରର ସମାପ୍ତ ଘୋଷଣା କଲା । ତୃତୀୟ ପ୍ରହର ଆସିଗଲା । ବ୍ୟାଧ ଦୁଇଥର ବିଫଳ ହେଲାପରେ ନିଜ ମନକୁ ପଚାରୁଚି, ତା କଠୋର ମନରେ କାହିଁକି ଦୟା ଭାବ ଜାତ ହେଲା ? ଗାଈ ଘାସ ସାଙ୍ଗରେ ପିରତି କରି ଉପାସ ରହିଲା ଭଳି ଅବସ୍ଥା ହେବ ନି ତ? ମାରିବା ମୋର ଧର୍ମ । ସେଥିରେ ଆଗପଛ କାହିଁକି ?
ଦୂରରେ ଗୋଟାଏ ପଶୁର ମୃତ୍ୟୁକାଳିନ ଚିତ୍କାର ଭାସି ଆସିଲା । ବୋଧେ ବ୍ୟାଘ୍ର କି ସିଂହ ଶୀକାର କଲା । ସାଙ୍ଗେ ସାଙ୍ଗେ ଅନେକ ପଶୁ ପଳାୟନ କରିବାର ପଦ ଶବ୍ଦ ଭାସି ଆସିଲା । ପାଖ ଫଳ ଗଛରେ ବାଦୁଡି ଗୁଡା ଫଡଫଡ ହେଉଛନ୍ତି । ସରୁ କୁହୁଡି ବନକୁ ଆଛନ୍ନ କଲାଣି । ସାମାନ୍ୟ ଶୀତ ଲାଗିଲାଣି । ହରିଣ ପୁଅଟି ପାଣି ପିଇବାକୁ କନକନ ହୋଇ ଆସୁଚି । ଖାଦ୍ୟ ସିନା ମାଆ ବାପା ଆଣିବେ, ପାଣି ଟା ନିଜେ ପିଇବାକୁ ପଡିବ । ବ୍ୟାଧ ଦେଖି ନିରାଶ ମିଶ୍ରିତ ଖୁସି ହେଲା । ବକଟେ ପିଲା ମୃଗଟା । ହଉ ଯାହା ଭାଗ୍ୟରେ ଅଛି । ନାହିଁ ମାମୁ ଠାରୁ କଣା ମାମୁ ଭଲ । ଶର ସନ୍ଧାନ କରିବାକୁ ଉଦ୍ୟତ ହେଲା । ସେହି ପୁରୁଣା କଥା । ବୃକ୍ଷରୁ ଜଳ ଓ ବେଲ ପତ୍ର ପତନ । ଶିବଙ୍କ ତୃତୀୟ ପ୍ରହର ପୂଜା ସମ୍ପନ୍ନ । ବ୍ୟାଧର ଆହୁରି ପାପ ନାଶ ଓ ଶୁଭ ବୁଦ୍ଧି ଉଦୟ । ପୁଣି ମୃଗ ଶିଶୁଟି ପରିବାର ସହ ମିଳିତ ହୋଇ ବ୍ୟାଧ ନିକଟରେ ଉପସ୍ଥିତ ହେବ ପ୍ରତିଜ୍ଞା କରି ଗୃହ ଅଭିମୁଖେ ପ୍ରସ୍ଥାନ । ଶୃଗାଳ ମାନଙ୍କର ରବ ସହ ତୃତୀୟ ପ୍ରହର ସମାପ୍ତ ଘୋଷଣା ।
ରାତ୍ର ଶେଷ ପ୍ରହର ସମାଗତ । ଧିରେ ଧିରେ ଶୀତଳ ପବନ ବହିଲାଣି । ଅନ୍ଧାର ପତଳା ହେଲାଣି । ପବନରେ ଫୁଲର ସୁବାସ । ପବନ ବାଜି ଶୁଖିଲା ପତ୍ର ଗୁଡିକର ପତନ ଶବ୍ଦ । ପଶୁ ମାନଙ୍କର ଅସ୍ପଷ୍ଟ ପଦ ଶବ୍ଦ ଦୂରରୁ ଶୁଭୁଚି । ଘର ବାହୁଡା ସମୟ । କନ୍ୟା ମୃଗଟି ଥରିଥରି ଭୟ ବିଜଡିତ ହୋଇ ଧିର ଗତିରେ ଜଳ ପାଖ କୁ ଆସିଛି । ସବୁ ବେଳେ ସାଙ୍ଗରେ ମାଆ ଥାଏ । ଆଜି ସେ ନିଜେ ଏକା ଆସୁଚି ଡରି ଡରି । ଭାଗ୍ୟର ବାମ ଗତି,ନଇଲେ ଏ ଶିଶୁ ହରିଣ ମୋତେ ଉପହାସ କଲା ଭଳି ଭାଗ୍ୟ ଦେଉଛି । କେତେବା ମାଂସ ଥିବ ତା କୁନି ଦେହରେ ? ଯାହା ହେଉ ରାତି ସରି ଗଲାଣି । ଏହାକୁ ନମାରିଲେ ଖାଲି ହାତରେ ଯିବାକୁ ହେବ ପରିବାର ଉପାସ ରହିବେ । ଏହା ଭାବି ସେ ଧନୁ କୁ ଟାଣି ଶର ସନ୍ଧାନ କଲା । ଶିଶୁଟା ଭୟରେ ମୂକ ହୋଇ ମୃତ୍ୟୁ କୁ ଅପେକ୍ଷା କରି ଲୁହ ଝରାଇବାକୁ ଲାଗିଲା । ପରିବାରଙ୍କ ଅଜଣାରେ ତା ଜୀବନ ଯିବ । ମାଆ ବନ ଦୁର୍ଗା ରକ୍ଷା କର । ପୁଣି ଅଙ୍ଗ ଚାଳନା କଲାବେଳେ ଡାଳ ଦୋହଲି ବୃକ୍ଷ ମୂଳେ ବେଲ ପତ୍ର ଓଜଳ ପତନ ହେଲା । ବାବାଙ୍କ ଚାରି ପ୍ରହର ପୁଜା ସଂପନ୍ନହେଲା ।ବ୍ୟାଧର ପାପ ସଂପୂର୍ଣ୍ଣ ଧ୍ୱଂସ ହେଲା । ତାର ମନରେ ଦିବ୍ୟ ଜ୍ଞାନ ଜାଗ୍ରତ ହେଲା ।
ଏତିକି ବେଳେ ମୃଗ ପରିବାର ର ବାପା ମାଆ ଓ ପୁଅ ଆସି ପ୍ରତିଜ୍ଞା ପୁରଣ ପାଇଁ ବୃକ୍ଷ ମୂଳେ ପହଂଚିଲେ । ସମସ୍ତ ଙ୍କ ସମଦଶା । ଶେଷ କୁ ଶିଶୁ କନ୍ୟା ମଧ୍ୟ କୃତାନ୍ତ କବଳରେ । ଠିକ ଅଛି ସମସ୍ତେ ବ୍ୟାଧର ଶିକାର ହୋଇ ପୁଣ୍ୟ ଅର୍ଜନ କରିବା ।ବ୍ୟାଧ ତଳକୁ ଚାହିଁଲା । କଥାରଖି ସମସ୍ତେ ହାଜର ହୋଇଛନ୍ତି । ସମସ୍ତେ ଅଳି କରୁଛନ୍ତି, ତାକୁ ଆଗ ମାର,ତା ହେଲେ ପରିବାରର ଅନ୍ୟର ମୃତ୍ୟୁ ସେ ଦେଖି ପାରିବ ନାହିଁ । ତାର ବିଚିତ୍ର କୌଶଳରେ ସେ ଏକା ଥରକେ ସମସ୍ତ ଙ୍କୁ ମାରିଦବ ।
କିନ୍ତୁ ଏ କଣ ? ଆଜି ତା ମନରେ ପାପ ପୁଣ୍ୟର ବିଚାର ଆସୁଚି,ପ୍ରାଣୀ ହତ୍ୟା କରି ସେ ଅଜସ୍ର ପାପ କରୁଛି ବୋଲି ମନରେ ଝଡ ଉଠିଛି । ନିଜର କଥା ରକ୍ଷା ପାଇଁ ସାରା ପରିବାର ଆଜି ହସିହସି ମୃତ୍ୟୁକୁ ଆଲିଙ୍ଗନ କରିବାକୁ ହାଜର ହୋଇଛନ୍ତି । ଅଥଚ ସେ ମଣିଷ ହୋଇ ଜୀବନ ଯାକ ପ୍ରାଣୀ ହତ୍ୟା ଭଳି ମହାପାପ କରି ଚାଲିଛି ।ଏ ପାପି ଜୀବନକୁ ଆଜି ନିଜେ ଶର ମାରି ଶେଷ କରିଦେବ । ଧରିଥିବା ଶରକୁ ନିଜ ଆଡକୁ ମୁହାଁଇଲା ବ୍ୟାଧ । ତା ଚକ୍ଷୁରୁ ଧାରଧାର ଲୁହ ବହିଚାଲିଲା । ଏବ ଦିବ୍ୟ ଆଲୋକ ଝଲସି ଉଠିଲା । ପୁଷ୍ପ ସୁଗନ୍ଧି ଭାସି ଆସିଲା ଡମ୍ବରୁର ଡମଡମ ଶବ୍ଦରେ ବନଭୂମି କମ୍ପି ଉଠିଲା । ସବୁ ଆଡୁ ପ୍ରତିଧ୍ୱନିତ ହେଲା ଓଁ ନମଃ ଶିବାୟ । ସ୍ୱୟଂ ମହାଦେବ ଦେବାଧିଦେବଙ୍କ ବୃକ୍ଷ ମୂଳରେ ଆର୍ଭିଭାବ ହେଲା । ବ୍ୟାଧ ର ହାତ ଧରି ଆତ୍ମହତ୍ୟାରୁ ବିରତ କଲେ । ତାଶିରରେ ତାଙ୍କ ।ଅମୃତ ହସ୍ତ ଦେଇ କହିଲେ, "ଆଜି ତୁ ପୂଣ୍ୟ ଦେହୀ । ମୋର କୃପାରୁ ସମସ୍ତ ପାପ ତୋର ଧ୍ୱଂସ ହୋଇଛି ।ଏ ମୃଗ ପରିବାର ମଧ୍ୟ ସତ୍ୟର ପରାକାଷ୍ଠ ।ଦେଖାଇ ମୋର କୃପା ଭାଜନ ହୋଛନ୍ତି । ସମସ୍ତେ ପୁଣ୍ୟ କୈଳାସ ଭବନ ଯିବାର ସୌଭାଗ୍ୟ ପାଇଛ ।" ଏତିକି କହି ଅଦୃଶ୍ୟ ହୋଇଗଲେ ପଂଚାନନାତତକ୍ଷଣାତ ଶୂନ୍ୟ ରୁ ସୁସଜ୍ଜିତ ବିମାନ ଶିବ ଗଣ ଙ୍କୁ ଧରି ଓହ୍ଲାଇ ସେ ବନଭୂମିରେ ପହଂଚିଗଲା ଓ ସେମାନ ଙ୍କୁ ବସାଇ ସ୍ୱର୍ଗ କୁ ଯାତ୍ରାକଲା ।
ସବୁଆଡେ ଏକ ପ୍ରଶାନ୍ତ ଭାବ । ପୂର୍ବଦିଗ ଆହୁରି ଲାଲ ହେଲାଣି । ବିମାନ ଶୁନ୍ୟରେ ଭାସି ଚାଲିଚି । ସ୍ୱର୍ଗରେ ଦେବ ଗନ୍ଧର୍ବ ,ମୁନି,ସିଦ୍ଧ ମାନେ ଏହି ବିରଳ ଦୃଶ୍ୟ କୁ ଉପଭୋଗ କରିଥିଲେ ଓ ପୁଷ୍ପ ବୃଷ୍ଟି କରୁଥିଲେ । ଦୂର ମନ୍ଦିର ରୁ ଶଂଖ ଘଣ୍ଟା ଧ୍ୱନି ସହ ,ସବୁଆଡୁ ଯେପରି ପ୍ରତିଧ୍ୱନିତ ହେଉଥିଲା, "ଓମ ନମଃ ଶିବାୟଃ ।"

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬




# ରମଣ ପ୍ରଭାବ



ଭାରତରେ ୨୮ ଫେବୃୟାରୀ ଦିବସଟିକୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳିତ ହୁଏ। ଏହା ଭାରତର ତଥା ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡା. ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ସ୍ମୃତିଚାରଣ ଦିବସରୂପେ ସାଧାରଣତଃ ପାଳିତ ହୋଇ ଆସୁଛି। ଏହା ତାଙ୍କ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ସମର୍ପିତ ଦିବସ। ସମଗ୍ର ଦେଶର ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଶୈକ୍ଷିକ ଅନୁଷ୍ଠାନ ତଥା ବୈଜ୍ଞାନିକ ଗବେଷଣା ଓ ତାଲିମ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ଗବେଷକ-ଗବେଷିକାମାନଙ୍କ ଦ୍ୱାରା ସମ୍ମାନର ସହିତ ଏହା ପାଳନ କରାଯାଏ। ଏନେଇ ନାନା ଆଲୋଚନା, ଭାଷଣ ଏବଂ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୁଏ। ସଂବାଦପତ୍ର ବା ଗଣମାଧ୍ୟମରେ ତାଙ୍କ କୃତିତ୍ୱ ପାଇଁ ନାନା ଲେଖା ଏବଂ ଆଲୋଚନାମାନ ହୁଏ। ଡା. ଭେଙ୍କଟରମଣ ତାମିଲନାଡୁର ଆୟନ ପେଟାରେ ଜନ୍ମ ଲାଭ କରିଥିଲେ। ଶିକ୍ଷା ସମାପ୍ତିପରେ ତାଙ୍କର ଅଧ୍ୟାପନା ଏବଂ ବୈଜ୍ଞାନିକ ଜୀବନ ଆରମ୍ଭ ହୋଇଥିଲା। ସେ ୧୯୨୮ ଫେବୃୟାରୀ ୨୮ରେ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ 'ରମଣ ପ୍ରଭାବ' ଉପସ୍ଥାପନା କରିଥିଲେ ଯାହାକି ବିଶ୍ୱବାସୀଙ୍କ ଚମତ୍କୃତ ବା ହତ୍‌ଚମକ ସୃଷ୍ଟି କରାଇଥିଲା। ଚନ୍ଦ୍ରଶେଖର ଭେଙ୍କଟରମଣଙ୍କର ନାଁର ଶେଷ ଶବ୍ଦ ବା ସାଙ୍ଗିଆକୁ ନେଇ ଏ ସନ୍ଦର୍ଭର ନାମ ରଖାଯାଇଥିଲା 'ରମଣ ପ୍ରଭାବ'। ଏଥିପାଇଁ ରମଣଙ୍କୁ ୧୯୩୦ରେ ନୋବେଲ ପୁରସ୍କାର ମିଳିଥିଲା। ଭାରତ ତରଫରୁ ତାଙ୍କୁ ୧୯୫୪ରେ ବିଜ୍ଞାନରେ ପ୍ରଥମ 'ଭାରତରତ୍ନ' ଉପାଧି ବା ସମ୍ମାନରେ ମୁକୁଟ ମଣ୍ଡିତ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, ୧୯୫୪ ମସିହାରେ ହିଁ ପ୍ରଥମ କରି ଭାରତର ତିନିଜଣ ବିଶିଷ୍ଟ ବ୍ୟକ୍ତି ଯଥା ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ସି. ଭି. ରମଣ ଏବଂ ଚକ୍ରବର୍ତ୍ତୀ ରାଜଗୋପାଲଚାରୀଙ୍କୁ ଭାରତ ରତ୍ନ ଉପାଧି ଦିଆଯାଇଥିଲା। ଖାଲି ସେତିକି ନୁହେଁ 'ରୁଷିଆ ତରଫରୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ 'ଶାନ୍ତି' ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା। ଆଉ ଅନ୍ୟାନ୍ୟ ପୁରସ୍କାର କଥା କହିବା କ'ଣ? ତାଙ୍କୁ ନେଇ ଭାରତ ଗର୍ବିତ। ବିଶ୍ୱଦରବାରରେ ମଥୋନ୍ନତ। ଦୁଃଖ ଯେ ଆମେ ତାଙ୍କୁ ୧୯୭୦ ମସିହା ନଭେମ୍ବର ୨୧ ତାରିଖରେ ହରାଇ ବସିଲୁ।


**'ରମଣ ପ୍ରଭାବ' କ'ଣ?** ଏମିତିରେ ଏହାକୁ ବୁଝାଇ ନକହି ଏତିକି କହିଲେ ଯଥେଷ୍ଟ ହେବ ଯେ ଏହା ଏପରି ଏକ ଆଲୋକ ଭିତ୍ତିକ ବୈଜ୍ଞାନିକ ଉଦ୍ଭାବନ ଯାହାର ପ୍ରୟୋଗ ବହୁମୁଖୀ ଭାବେ ଯଥା ମହାକାଶବିଜ୍ଞାନ, ଜୈବବିଜ୍ଞାନ, ଜୈବ ପ୍ରଯୁକ୍ତି ବିଦ୍ୟା,




ଭୌତିକ ବିଦ୍ୟା ଏବଂ ମଲିକୁଲାର ଜେନେଟିକସ୍ ଇତ୍ୟାଦି କ୍ଷେତ୍ରରେ ପ୍ରୟୋଗ ହୋଇ କଳ୍ପନାତୀତ ଉନ୍ନତି ଓ ପ୍ରଗତି ସୃଷ୍ଟି କରିପାରିଛି। ଏକଥା ଜାଣିବା ଉଚିତ୍ ଯେ ପ୍ରତ୍ୟେକ ବିଦ୍ୟାର ଶାନ୍ତିପ୍ରିୟ ବିନିଯୋଗ ସହିତ ଧ୍ୱଂସକାରୀ ଶକ୍ତି ଅଛି। ଡକ୍ଟର ରମଣଙ୍କର ଏହି ରମଣ ପ୍ରଭାବକୁ ଏବେ କେତେକ ଖଳଲୋକ, ବୈଜ୍ଞାନିକ ବି ହୋଇପାରନ୍ତି, ଖଳ ଦେଶ ତଥା ରାଜନେତା ଏହାକୁ ସ୍ୱାର୍ଥ ସାଧନ ନିମନ୍ତେ ଧ୍ୱଂସକାରୀ ଶକ୍ତିରୂପେ ବ୍ୟବହାର ପାଇଁ ଅଣ୍ଟା ଭିଡ଼ିଲେଣି। ଏକଥା ଯଦି ହୁଏ, ଆମେ ଏ ମଣିଷ ଜାତି ମୃତ୍ୟୁ ଆଡ଼କୁ ଖୁବ୍ ଜୋରରେ ଦୌଡୁଛୁ ବୋଲି କହିବା। ପରମାଣୁ ବୋମାର ଉଦ୍ଭାବକ ଏଇନ୍‌ଷ୍ଟାଇନ ଯେତେବେଳେ ଜାପାନର ହିରୋସିମା ଓ ନାଗାସାକିର ଏହା ପ୍ରୟୋଗର ପରିଣତି ଦେଖିଲେ, ଦୁଃଖର ସହିତ କହିଲେ : ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ପୃଥିବୀରୁ ମାନବ ସଭ୍ୟତା ଲୋପ ପାଇଯିବ। ଏଣୁ ଆସନ୍ତୁ, ରମଣ ପ୍ରଭାବର ଶାନ୍ତିପୂର୍ଣ୍ଣ ବିନିଯୋଗ କରିବା ଏବଂ ରମଣଙ୍କ ପରି କିଛି କରି ଦେଖାଇଦେବା। କିଛି ନକରି ଖାଲି ସ୍ମୃତି ଚାରଣ କରିବାରେ କିଛି ମାନେ ନଥାଏ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮**

# ମହାଶକ୍ତି 'ଶିବ'ଙ୍କ ଗହନ ତତ୍ତ୍ୱ



ଶିବ କହିଲେ ଆମେ ସାଧାରଣତ ଶୁଭ ବା ମଙ୍ଗଳକୁ ବୁଝିଥାଉ ଓ ମସ୍ତକରେ ଜଟାଜୁଟର ଅନ୍ତରାଳରେ ଗଙ୍ଗା, ଲଲାଟରେ ଅର୍ଦ୍ଧଚନ୍ଦ୍ର ଓ ତୃତୀୟନେତ୍ର, ଗଳାରେ ସର୍ପଧାରଣ, କଟିରେ ଗଜାଜିନ, ହସ୍ତରେ ତ୍ରିଶୁଳ ଓ ଅକ୍ଷମାଳା ଧାରଣ କରି ଧ୍ୟାନସ୍ଥ ମୁଦ୍ରାରେ ବସିଥିବା ମହାଦେବଙ୍କ ମୂର୍ତ୍ତୀକୁ ପୂଜା ବା ସ୍ମରଣ କରିଥାଉ। ତେବେ ଏହି ଶିବଶବ୍ଦ ଯେ କେତେ ଗହନ-ତତ୍ତ୍ୱ-ସମ୍ବନ୍ଧିତ ଏକ ଅନାହତ ଉଚ୍ଚାରଣ, ତାହା ପ୍ରକାଶ କରିବା ଦୁରୂହ। ବେଦ ଉପନିଷଦ-ପୁରାଣ-ସାହିତ୍ୟ ସବୁଠାରେ ଶିବଶବ୍ଦ ଓ ଶିବତତ୍ତ୍ୱର ଦୀପ୍ତି ଓ ବ୍ୟାପ୍ତି ପ୍ରଶସ୍ତ ଭାବେ ଦେଖାଯାଏ। ଶୁକ୍ଳ ଯଜୁର୍ବେଦ (୧୬/୪୧) ଅନ୍ତର୍ଗତ ଶତରୁଦ୍ରିୟ ପାଠାରେ ଶିବଶବ୍ଦର ପ୍ରୟୋଗ ଦେଖାଯାଏ। ନମଃ ଶମବାୟ ଚ ନମଃ ଶିବାୟ ଚ ଶିବତରାୟ ଚ।। ମୟଭବାୟ ଚ ନମଃ ଶଙ୍କରାୟ ଚ ମୟସ୍କରାୟ ଚ। ଅର୍ଥାତ୍ ସୁଖଶାନ୍ତିର ସୃଷ୍ଟିକାରୀଙ୍କୁ ନମସ୍କାର, ମଙ୍ଗଳକାରୀଙ୍କୁ ନମସ୍କାର, ଶିବଙ୍କୁ ନମସ୍କାର ଓ ପରମ କଲ୍ୟାଣଙ୍କୁ ନମସ୍କାର। ଆମେ ନିତ୍ୟ ପାଠ କରୁଥିବା ମହାମୃତ୍ୟୁଞ୍ଜୟ ମନ୍ତ୍ରର ମଧ୍ୟ ଉତ୍ପତ୍ତି-ଉତ୍ସ ହେଉଛି ଶୁକ୍ଳ ଯଜୁର୍ବେଦ। ଏଥିରେ (୩/୬-୬୧) ଥିବା ମନ୍ତ୍ରରେ ସୁଗନ୍ଧମୟ ତଥା ଅନ୍ନାଦିର ପୁଷ୍ଟିକୁ ବୃଦ୍ଧି କରୁଥିବା ତ୍ରିନେତ୍ର ଶିବଙ୍କୁ ସ୍ତୁତି କରାଯାଇ ମୃତ୍ୟୁ ବନ୍ଧନରୁ ମୁକ୍ତ ହେବା ଓ ଅମୃତରୁ ବଞ୍ଚିତ ନହେବା ନିମନ୍ତେ ସ୍ତୁତି କରାଯାଇଛି। ବିଶେଷତଃ ଅନ୍ୱିତା କନ୍ୟା ଉତ୍ତମ-ବରପ୍ରାପ୍ତି ପରେ ପିତୃକୁଳରୁ ବିମୁକ୍ତି ଓ ପତିକୁଳରୁ ଅବିମୁକ୍ତି କାମନା କରି ଶିବସ୍ତୁତି କରିଥିବା ଏହି ମନ୍ତ୍ରରେ ପ୍ରକାଶିତ-ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ। ଉର୍ବାରୁକ ଶିବ ବନ୍ଧାନାନ୍ ମୃତ୍ୟୋର୍ମୁକ୍ଷୀୟ ମାଂମୃତାତ୍। ତ୍ର୍ୟାମ୍ବକଂ ଯଜାମହେ ସୁଗନ୍ଧିଂ ପତିବେଦନାମ୍। ଉର୍ବାରୁକଶିବ ବନ୍ଧନା ଜିତୋ ମୁକ୍ଷୀୟ ମାମୁତଃ।।। ଉପନିଷଦ୍‌ମାନଙ୍କ ଶୃଙ୍ଖଳା କ୍ରମରେ ଦେଖିଲେ, ଶ୍ୱେତାଶ୍ୱତର ଉପନିଷଦ୍ (୩/୧୧)ରେ ଶିବଶଙ୍କର ବ୍ୟାପକତା ପ୍ରକଟିତ ହୋଇଛି-ସର୍ବାନନଶିରୋଗ୍ରୀବଃ ସର୍ବଭୂତଗୁହାଶୟଃ। ସର୍ବବ୍ୟାପୀ ସ ଭଗବାଂସ୍ତସ୍ମାତ ସର୍ବଗତଃ ଶିବଃ।। ଅର୍ଥାତ୍ ସମସ୍ତଙ୍କ ମୁଖ-ମସ୍ତକ-କଣ୍ଠ-ସ୍ୱରୂପ, ସମସ୍ତଙ୍କ ହୃଦୟସ୍ଥିତ, ସର୍ବବ୍ୟାପକ, ସର୍ବାନ୍ତରଗାମୀ, ମଙ୍ଗଳମୟ ହିଁ ଭଗବାନ ପଦବାଚ୍ୟ। କୈବଲ୍ୟୋପନିଷଦ୍ (୧/୮) ମନ୍ତ୍ରରେ କୁହାଯାଇଛି-ସ ବ୍ରହ୍ମା ସ ଶିବଃ ସେନ୍ଦ୍ରଃ ସୋଽକ୍ଷରଃ ପରମଃ ସ୍ୱରାଟ। ସ ଏବ ବିଷ୍ଣୁଃ ସ ପ୍ରାଣଃ ସ କାଳୋଽଗ୍ନିଃ ସ ଚନ୍ଦ୍ରମାଃ।। ଅର୍ଥାତ୍ ପରମ ବ୍ରହ୍ମ ହେଉଛନ୍ତି ଏକଧାରରେ ବ୍ରହ୍ମା-ଶିବ-ଇନ୍ଦ୍ରାଦିଦେବଗଣ-ବିଷ୍ଣୁପ୍ରାଣ-କାଳି-ଅଗ୍ନି-ଚନ୍ଦ୍ରସ୍ୱରୂପ। ସେହିପରି ରୁଦ୍ରହୃଦୟ, ଦକ୍ଷିଣାମୂର୍ତ୍ତି, ନିଳରୁଦ୍ରାଦି ଉପନିଷଦ୍ ସମୂହରେ ଶିବ ଶବ୍ଦର ବ୍ୟବହାର ସହିତ ଶିବ ମହିମା ସୁବର୍ଣ୍ଣିତ ହେଉଛି। ଶିବ ଶବ୍ଦର ଆଭିଧାନିକ ଅର୍ଥ ହେଉଛି ମଙ୍ଗଳ ବା କଲ୍ୟାଣ। ଏହି ଶବ୍ଦ ଉଭୟ ବିଶେଷ୍ୟ ଓ ବିଶେଷଣ ଭାବରେ ବ୍ୟବହୃତ। ପାଣିନିକୃତ ଉଣାଦିକୋଷର ସୂତ୍ର (୧/୧୫୩)-ସର୍ବନିଘୃଷ୍ୱରି ଷ୍ୱ ଶିବପଟ୍ ବପ୍ରହ୍ୱେଷ୍ୱା ଅତନ୍ତେ ମତରେ ଶୀ, ଙ୍ (ସ୍ୱପ୍ନେ) ଧାତୁରୁ ନିଷ୍ପନ୍ନ ଶବ୍ଦ ହେଉଛି ଶିବ, ଯାହାର ବ୍ୟୁତ୍ପତ୍ତି ବାକ୍ୟ ହେଉଛି-ଶେ ତେ ଇତି ଶିବଃ। ଅର୍ଥାତ୍ ଶିବ ସର୍ବଦା ସମାଧିସ୍ଥ ଥାଆନ୍ତି ଓ ମହାପ୍ରଳୟ ସମୟରେ ତମୋଗୁଣଯୁକ୍ତ ହୋଇ ବିନାଶକ୍ରିୟ ନିର୍ବାହ କରନ୍ତି। ପରମପୁରୁଷଙ୍କ ସୁପ୍ତିତତ୍ତ୍ୱ ହିଁ ପ୍ରଳୟର କାରଣ ଓ କାରକ ମଧ୍ୟ। ପୁନଶ୍ଚ ଅନ୍ୟମତରେ ଶେରତେ ପ୍ରାଣିନୋ ଯତ୍ର ସ ଶିବଃ। ଅର୍ଥାତ୍ ଅଶେଷ ପାପତାପରେ ଉଦ୍‌ବିଗ୍ନ ହୋଇ ପ୍ରାଣୀମାନେ ବିଶ୍ରମ ନିମେନ୍ତ ଯେଉଁଠି ଶୟନ କରନ୍ତି, ସେହି ସର୍ବାଶ୍ରୟ ହିଁ ଶିବ। ଆହୁରି ମଧ୍ୟ ଭାରତକୃତ ଅମରଟୀକା ମତରେ-ଶିବଂ କଲ୍ୟାଣ ବିଦ୍ୟତେଽସ୍ୟ-ଅର୍ଥାତ୍ ମଙ୍ଗଳ ଯାହାଠାରେ ସନ୍ନିବିଷ୍ଟ, ସେ ଶିବ। ପୁନଶ୍ଚ ଶ୍ୟତି ନାଶୟତି ଅଶୁଭମିତି ଶିବଃ-ଅର୍ଥାତ୍ ଅଶୁଭର ବିନାଶକ ହିଁ ଶିବ। ଅନ୍ୟ ଏକ ମତରେ-ଶେରତେରବତିଷ୍ଠନ୍ତେଽଣିମା ଦ୍ୟାଷ୍ଟଗୁଣା ଅସ୍ମିନ୍ନିତି ଶିବଃ ଏହାର ଅର୍ଥ ହେଉଛି ଅଣିମାଦି ଅଷ୍ଟସିଦ୍ଧିମୟ ଗୁଣାବଳୀ ଯାହାଠାରେ ପରିପୂର୍ଣ୍ଣ ଅଛି, ସେ ଶିବ ନାମବାଚ୍ୟ। ଶିବୋପନିଷତ୍ (୧/୧୦) ମତରେ-ଅଶିବାଃ ପାଶସଂଯୁକ୍ତାଃ ପଶବଃ ସର୍ବଚେତନାଃ। ଯସ୍ମାଦ୍ ବିଲକ୍ଷଣା-ସ୍ତେଭ୍ୟସ୍ତସ୍ମାଦୀଶଃ ଶିବଃ ସ୍ମୃତଃ।। ଅର୍ଥାତ୍ ଜାଗତିକ ମାୟାପାଶରେ ବଦ୍ଧ ହୋଇଥିବା ତଥା ଚେତନା ଥାଇ ସୁଦ୍ଧା ଅଚେତନ-ପଶୁ ଭାବରେ ବ୍ୟବହାର କରୁଥିବା ଜୀବମନାଙ୍କୁ ପାଶମୁକ୍ତ କରୁଥିବା ଈଶ୍ୱର ହିଁ ଶିବ। ସେହିପରି ଶିବ ମହାପୁରାଣନ୍ତର୍ଗତ ବିଦ୍ୟେଶ୍ୱର ସଂହିତା (୧୮ଶ୍ଳୋକ) ମତରେ-ଶଂ ନିତ୍ୟ ସୁଖମାନନ୍ଦଶିକାରଃ ପୁରୁଷଃ ସ୍ମୃତଃ। ବକାରଃ ଶକ୍ତିରମୃତଂ ମେଳନଂ ଶିବ ଉଚ୍ୟତେ।। ତସ୍ମାଦେବଂ ସ୍ୱମାତ୍ମାନଂ ଶିବଂ କୃତ୍ୱାଽର୍ଚୟେଚ୍ଛିବମ୍।। ଅର୍ଥାତ୍ ଶିବ ଶବ୍ଦରେ ଥିବା ଶକାର ଆନନ୍ଦବାଚକ, ଇକାର ପୁରୁଷବାଚକ ତଥା ବକାର ଅମୃତଶକ୍ତିବାଚକ ଓ ଏହି ତିନି ତତ୍ତ୍ୱର ମିଳନରେ ଶିବଶବ୍ଦ ନିଷ୍ପାଦିତ। ଏଣୁ ପ୍ରତି ଜୀବ ଭଗବାନ ଶିବଙ୍କୁ ଏହିପରି ଆତ୍ମସ୍ୱରୂପ ଜାଣି ଅର୍ଚ୍ଚନା କରିବା ଉଚିତ୍। ଏହି ଶିବଙ୍କର ସହସ୍ରନାମାବଳୀ ବ୍ୟାସକୃତ ମହାଭାରତର ଅନୁଶାସନ ପର୍ବର ୧୭ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି।



ଶିବ ଏକଧାରରେ ଏକରସ, ଅର୍ଦ୍ଧନାରୀ ଓ ଅର୍ଦ୍ଧପୁରୁଷ ତତ୍ତ୍ୱର ମିଳନରେ ଦ୍ୱିମୂର୍ତ୍ତି, ତ୍ରିନେତ୍ର, ସ୍ୱପ୍ନ-ସୁଷୁପ୍ତି-ଜାଗର-ତୁରୀୟାଦି ଚତୁରବସ୍ଥା ମଧ୍ୟରୁ ତୁରୀୟ (ଚତୁର୍ଥ) ସତ୍ତା ଅଥବା ପରା-ପଶ୍ୟନ୍ତୀ-ମଧ୍ୟମା-ବୈଖରି ନାମକ ଜ୍ଞାନରୂପକ-ଧ୍ୱନି ଚତୁଷ୍ଟୟର ପ୍ରେରକ, ପଞ୍ଚାନନ (ସଦ୍ୟୋଜାତ-ତତ୍‌ପୁରୁଷ-ଅଘୋର-ବାମଦେବ-ଈଶାନାଦି ପଞ୍ଚମୁଖ ଯୁକ୍ତ) ତଥା ସୃଷ୍ଟି-ସ୍ଥିତି-ଲୟ-ନିଗ୍ରହ-ଅନୁଗ୍ରହାଦି ପଞ୍ଚବିଧ ଐଶଶକ୍ତିର ଆଧାର, ଓଁ ନମଃ ଶିବାୟ ମନ୍ତ୍ରର ଅକ୍ଷରସଟ୍‌କରେ ଉଦ୍ଭାସିତ ଅଥବା ସର୍ବଜ୍ଞତା-ସଂତୃପ୍ତି-ଅଖଣ୍ଡବୋଧ-ସ୍ୱତନ୍ତ୍ରତା-ଅନବସନ୍ନତା-ଅନନ୍ତଶକ୍ତି ପ୍ରଭୃତି ଷଟ୍‌କଳା-ଯୁକ୍ତ, ବିଲ୍ୱପତ୍ର-ତୋୟ-ପୟଃ-ଦଧି-ମଧୁ-ଘୃତ-ଭସ୍ମାଦି ସପ୍ତଦ୍ରବ୍ୟରେ ସବିଶେଷ ଅଭିଷକ-ପରାୟଣ ଓ ଅଣିମାଦି-ଅଷ୍ଟସିଦ୍ଧିଦାତା ଅଥବା କ୍ଷିତି-ଅପ୍-ତେଜଃ-ମରୁତଃ-ବ୍ୟୋମ-ସୂର୍ଯ୍ୟ-ଚନ୍ଦ୍ର-ଆତ୍ମା (କ୍ଷେତ୍ରଜ୍ଞ) ପ୍ରମୁଖ ଅଷ୍ଟତତ୍ତ୍ୱର ଆଧାରରେ ଭାବ-ଶବ-ରୁଦ୍ର-ପଶୁପତି-ଉଗ୍ର-ମହାଦେବ-ଭୀମ-ଈଶାନାଦି ଅଷ୍ଟ ନାମରେ ଅଷ୍ଟମୂର୍ତ୍ତି ସ୍ୱରୂପରେ ଅର୍ଚ୍ଚିତ। ଆହୁରି ମଧ୍ୟ, ସ୍ୱତସଂହିତା (୪/୨୭-୨୮) ମତରେ-ଦେବ ଏବଂ ସ୍ୱୟଂ ଲିଙ୍ଗ ଲିଙ୍ଗଜ ଗମକ ମେ ବହି। ଅର୍ଥାତ୍ ଶିବ ହେଉଛନ୍ତି ସ୍ୱୟଂ ଜ୍ଞାନ (ଶିବଃ ପ୍ରଜ୍ଞାନେ) ଓ ଏହି ଜ୍ଞାନ ରୂପର ପ୍ରକାଶ ହେଉଛି ଲିଙ୍ଗ। ଏହି ଲିଙ୍ଗ ସତ୍-ଚିତ୍-ଆନନ୍ଦର ସମାହାର ଓ ଅଚଳ ପ୍ରତିଷ୍ଠା। ମହାପ୍ରଳୟ ସମୟରେ ସମସ୍ତ ଶକ୍ତି ଏହିଠାରେ ଲୟପ୍ରାପ୍ତ ହୋଇଥାନ୍ତି ସତ, ମାତ୍ର ଏହି ଲିଙ୍ଗର କଦାପି ଲୟ ନାହିଁ। ପୁନଶ୍ଚ ବିଦ୍ୟେଶ୍ୱର ସଂହିତା ମତରେ ଲୀନାର୍ଥଗମକଂ ଚିହ୍ନ ଲିଙ୍ଗମିତ୍ୟ ଭିଧୀୟତେ। ମୁଖ୍ୟୋ ଭଗସ୍ତୁ ପ୍ରକୃତି ଭଗବାନି ଶିବ ରଚ୍ୟତେ।। ଅର୍ଥାତ୍ ଅବ୍ୟକ୍ତ ଶକ୍ତିର ପ୍ରକାଶକ ଲିଙ୍ଗ, ଭଗଶବ୍ଦର ଅର୍ଥ ପ୍ରକୃତି ଓ ଏହି ଦୁଇଟିର ଆଧାରରେ ଶିବ ଓ ଏକାଧାରରେ ଲିଙ୍ଗ ଓ ଭଗବାନ। ଆଜି ପବିତ୍ର ଶିବରାତ୍ରୀ ଅବସରରେ ସେହି ଲିଙ୍ଗାତ୍ମକ ଭଗବାନ ଶିବଙ୍କ ଚିନ୍ମୟ-ଜ୍ୟୋତିଃକୁ ସହସ୍ର ପ୍ରଣାମ। ଏହା କଳ୍କୀ ପୁରାଣରୁ ଆଦୃତ।

**-ପ୍ରଦୀପ ସେନାପତି**
***(ଲେଖକ ଜଣେ ଶିବଭକ୍ତି, ଶିବଶକ୍ତି, ଶିବଯୋଗ, ଶିବଭୋଗ ଉପାସକ), ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ମୋ: ୯୪୩୮୪୪୬୫୭୫***


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଗୁଜବ ପଛର ରହସ୍ୟ କ'ଣ ?

ଭୁବନେଶ୍ୱର (ପିଏନ୍)- କିଛି ଦିନର ଅଜ୍ଞାତବାସ ପରେ ମୁଖ୍ୟମନ୍ତ୍ରୀ ପଦାକୁ ଆସିଲେ, ଲିଙ୍ଗରାଜଙ୍କୁ ଦର୍ଶନ କଲେ ଓ ଗଣମାଧ୍ୟମ ସାମନାରେ ନିଜେ ସୁସ୍ଥ ଅଛନ୍ତି ବୋଲି କହିଲେ। ସେ ସୁସ୍ଥ ଅଛନ୍ତି ଜାଣି ଆମେ ଖୁସି ଏବଂ ସୁସ୍ଥ ରୁହନ୍ତୁ ବୋଲି ଆମର ଲିଙ୍ଗରାଜଙ୍କ ପାଖରେ ପ୍ରାର୍ଥନା। କିନ୍ତୁ ନିଜେ ସୁସ୍ଥ ଅଛନ୍ତି ବୋଲି କହିବା ବେଳେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ଚାଲିଛି ବୋଲି ଯେଉଁ ଟିପ୍ପଣୀ ଦେଲେ ତାହା ଆମକୁ ରହସ୍ୟମୟ ଲାଗୁଛି ବୋଲି କଂଗ୍ରେସର ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ ଟିପ୍ପଣୀ ଦେଇଛନ୍ତି। ବାସ୍ତବରେ ଏ ଗୁଜବ କିଏ ଏବଂ କାହିଁକି କରୁଛି ତାହା ତଦନ୍ତସାପେକ୍ଷ। ଏହାପୂର୍ବରୁ ଜାନୁଆରୀ ୨୬ ତାରିଖରେ ଏହିଭଳି ଏକ ଗୁଜବକୁ ସେ ଖଣ୍ଡନ କରିବାକୁ ଯାଇ ଭୁବନେଶ୍ୱର ରାଜରାସ୍ତାରେ ଚାଲୁଥିବାର ଆମେ ଦେଖିଥିଲୁ। କିନ୍ତୁ ସେତେବେଳେ ନିର୍ବାଚନ ନଥିଲା। ଏବେ ନିର୍ବାଚନ ଚାଲୁଥିବା ବେଳେ ପୁଣିଥରେ ସେହିଭଳି ଏକ ଗୁଜବର ଅନ୍ତ ଘଟାଇ ସେ ଲିଙ୍ଗରାଜ ମନ୍ଦିରକୁ ଯାଇଥିବାର ଦୃଶ୍ୟ ଓଡ଼ିଶାବାସୀ ଦେଖିଲେ। ମାତ୍ର ଓଡ଼ିଶାବାସୀଙ୍କ ପାଖରେ ରହସ୍ୟ ହୋଇ ରହିଗଲା ଏହି ଗୁଜବ ପଛରେ କାହାର ହାତ ଅଛି ! ଏଭଳି ଗୁଜବ ଯେପରି ରହସ୍ୟମୟ ତାକୁ ଖଣ୍ଡନ କରିବା ପାଇଁ କାର୍ଯ୍ୟ ପଦ୍ଧତି ସେହିପରି ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ। ମନରେ ପ୍ରଶ୍ନ ଆସେ ଏସବୁ ନିଜ ଦଳର ପ୍ରାୟୋଜିତ କାର୍ଯ୍ୟ ନୁହେଁ କି। ଲିଙ୍ଗରାଜ ମନ୍ଦିରକୁ ଗଲାବେଳେ ଗାଡ଼ିରୁ ଓହ୍ଲାଇବା, ଚାଲି ଚାଲି ଯିବା, ପାହାଚରେ ତଳକୁ ଯିବା ଏବଂ ଉଠିବା ଇତ୍ୟାଦିକୁ ଅବଲୋକନ କଲେ ଜଣାଯାଏ ବାସ୍ତବରେ ସେ ସଂପୂର୍ଣ୍ଣ ସୁସ୍ଥ ନାହାନ୍ତି। ତାଙ୍କର ଏଭଳି ଅସୁସ୍ଥତା ସମୟରେ ସେ ଭଲ ଅଛନ୍ତି ବୋଲି ତାଙ୍କୁ ଚଲାଇ ଚଲାଇ ନେବା ଦୁଃଖଦାୟକ। ଆମ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ତଙ୍କର ପ୍ରାଥମିକତା। ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଦରକାର। ତାଙ୍କ ସ୍ୱାସ୍ଥ୍ୟକୁ ନେଇ କୌଣସି ରାଜନୀତି ହେବା ଉଚିତ ନୁହେଁ ବୋଲି ଶ୍ରୀ ଦାସ ଏକ ପ୍ରେସବାର୍ତ୍ତାରେ କହିଛନ୍ତି।

## କୋଟିଆବାସୀଙ୍କୁ କୃତଜ୍ଞତା ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): କୋଟିଆ ଗ୍ରାମପଞ୍ଚାୟତରେ ଶାନ୍ତି ଶୃଙ୍ଖଳା ସହିତ ମତଦାନ ହୋଇଥିବାରୁ ଉତ୍କଳ ସମ୍ମିଳନୀ କୋଟିଆର ସମସ୍ତ ବାସିନ୍ଦାମାନଙ୍କ ସହିତ ସମସ୍ତ ଭୋଟରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛି । କୋଟିଆର ଜନସାଧାରଣ ଆନ୍ଧ୍ରର ଷଡ଼ଯନ୍ତ୍ରକୁ ଭ୍ରୂକ୍ଷେପ ନକରି ଉତ୍ସାହର ସହିତ ଭୋଟ ଦେଇ ସମସ୍ତେ ଓଡିଶାର ବୋଲି ପ୍ରମାଣିତ କରି ଦେଇଛନ୍ତି । କୋଟିଆର ଜନସାଧାରଣଙ୍କ ସହିତ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ଧନ୍ୟବାଦର ପାତ୍ର ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ।

# ବାଲେଶ୍ୱରରେ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ



ବାଲେଶ୍ୱର (ପିଏନ୍)- ଫେବୃଆରୀ ମାସ ୨୭ ତାରିଖଠାରୁ ବାଲେଶ୍ୱର ଜିଲ୍ଲାରେ ପଲ୍‌ସ୍ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ୨୭ ତାରିଖ ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ । ପ୍ରଥମ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥ୍‌ଗୁଡିକରେ ୦(ଶୂନ)ରୁ ୫(ପାଂଚ) ବର୍ଷର ଶିଶୁମାନଙ୍କୁ ଏହା ଦିଆଯିବାକୁ ଥିବା ବେଳେ କୌଣସି କାରଣରୁ ବାଦ୍ ପଡିଯାଇଥିବା ଶିଶୁମାନଙ୍କୁ ଆସନ୍ତା ଦୁଇ ଦିନରେ ଏହା ଦିଆଯିବ । ସ୍ୱାସ୍ଥ୍ୟକର୍ମୀମାନେ ଏହି ଦୁଇ ଦିନ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । ଏହି ଟିକାକରଣ ଅଭିଯାନ ପାଇଁ ଜିଲ୍ଲାରେ ସର୍ବମୋଟ ୧୦୬୩ଟି ବୁଥ୍ ପ୍ରତିଷ୍ଠା କରାଯାଇଛି । ୪୨୫୨ଜଣ କର୍ମଚାରୀ ୨୧୨୬ଟି ଟିମରେ ବିଭକ୍ତ ହୋଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । ଏଥିପାଇଁ ୨୦୯ଜଣ ସୁପରଭାଇଜର ଓ ୨୦୯ଟି ଗାଡି ନିୟୋଜିତ ହୋଇଛନ୍ତି । ଜିଲ୍ଲାର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ଯେପରି ସଫଳତାର ସହ ଆୟୋଜିତ ହେବ ଏବଂ କେହି ବି ଜଣେ ହେଲେ ଶିଶୁ ଯେପରି ଏଥିରୁ ବଂଚିତ ନ ହେବେ, ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ପଲସ୍ ପୋଲିଓ ଟିକାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଏଡିପିଏଚଓ ଡା. ଶଶାଙ୍କଶେଖର ଚୌଧୁରୀ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ ଏଲିନା ସାମଲ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଦ୍ରୌପଦୀ ମାର୍ଣ୍ଡିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।




# ବୀର ସହିଦ୍ ଶଶାଙ୍କ ଶେଖର ସାମଲ(ବାପୁ)ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଚଣ୍ଡିଖୋଲ,(ପି.ଏନ୍):ଚଣ୍ଡିଖୋଲ ସନ୍ନିକଟ କ୍ଷେତ୍ରପାଳ ଗ୍ରାମରେ ବୀର ସହିଦ୍ ଶଶାଙ୍କ ଶେଖର ସାମଲ ଓ ତାଙ୍କ ପିତା କାର୍ଗିଲ୍ ବିଜେତା ସହିଦ୍ ଯଦୁନାଥ ସାମଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ସ୍ୱର୍ଗତ ଶଶାଙ୍କ ୧୮.୦୨.୨୦୨୧ରିଖରେ ସହିଦ୍ ହୋଇଥିଲେ। ସେ ମଧ ଭାରତ ବର୍ଷର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ସହିଦ୍ ହୋଇଥିବାରୁ ଏକ ଅଂଚଳରେ ଦେଶ ସେବକ ଭାବେ ପ୍ରଶଂସିତ ହୋଇଛନ୍ତି। ଉନ୍ମୋଚକ ଭାବେ ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ସଂଘର ଅଧକ୍ଷ ନୀଳମଣି ସାମଲ ଓ ଯାଜପୁର ଜିଲା ବିଜେଡ଼ି ସାଧାରଣ ସଂପାଦକ ଡ଼ଃ ପ୍ରିୟନାଥ ମହାପାତ୍ର ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରେ ଚାରଣ ଗୋଷ୍ଠୀ ପୁରୀ ପକ୍ଷରୁ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଚାରଣ ଗୋଷ୍ଠୀ ଆନ୍ତର୍ଜାତିକ ସଂଯୋଜକ ଇନ୍ଦ୍ରମଣି ମହାନ୍ତି, ପତ୍ରିକା ସଂପାଦକ ଗଣେଶ୍ୱର ପରିଡ଼ା, ଜିଲା ସଂଯୋଜକ ରବିନ୍ଦ୍ର ସାହୁ, ରଂଜିତ୍ ପରମାଣିକ, ଅଂଚଳ ସଂଗଠକ ଶରତ ଚନ୍ଦ୍ର ସ୍ୱାଇଁ, ଚଣ୍ଡିଖୋଲ ମଣ୍ଡଳ ସଂଗଠକ ସୁବାଷ କବି, ରଘୁନାଥ ପଣ୍ଡା, ଶ୍ରମତୀ ଅହଲ୍ୟା ସାହୁ, ଦୀନବନ୍ଧୁ ବେହେରା, ଅଶୋକ ରାୟ, ଗଣେଶ୍ୱର ଖିଳାର, ଶରତ ଚନ୍ଦ୍ର ସାହୁ, କ୍ଷିରୋଦ ଦାସ ଓ ସୁକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ବିଷ୍ଣୁ ସହସ୍ରନାମ ଓ ହନୁମାନ ଚାଳିଶା ପଠନ କରାଯାଇଥିଲା। ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ସାମନ୍ତରାୟ ଅଧକ୍ଷତା କରିଥିଲେ। ସଭାରେ ସ୍ୱାଧିନତା ସଂଗ୍ରାମୀ ନିଳମଣୀ ସାମଲ ଦେଶ ପାଇଁ ନିଜ ଜୀବନକୁ ଶଶାଙ୍କ ଯୁବ ଅବସ୍ଥାରେ ଉତ୍ସର୍ଗୀକୃତ କରି ସହିଦ୍ ହୋଇଛନ୍ତି ତାହା ଚିରସ୍ମରଣୀୟ। ଡ଼ଃ ପ୍ରିୟନାଥ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଶଶାଙ୍କ ଜଣେ ଦେଶ ସେବାରେ ନିଜକୁ ନିୟୋଜିତ କରିଥିବାରୁ ସେ ମଧ ଆମ ପାଇଁ ଗର୍ବିତ। ସାମ୍ବାଦିକ ଶିବରାମ ସାହୁ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କଥା କାହାଣୀ ଓ ସେବା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହିଦ୍ ଶଶାଙ୍କ ପରିବାରର ତାଙ୍କ ମା', ଭାଇ, ଭାଉଜ, ବିଧବା ପତ୍ନୀ ଓ ଶିଶୁ ପୁତ୍ର ପ୍ରଭୁ ଜଗନ୍ନାଥଙ୍କ କାର୍ଯ୍ୟକ୍ରମ ପାଖରେ ଉପସ୍ଥିତ ଥିଲେ।

# କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର,(ପି.ଏନ): ଜାତୀୟ ବିଜ୍ଞାନ ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ବଡବିଲସ୍ଥିତ ଦୁଇଟି ବିଦ୍ୟାଳୟରେ ଜ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି । ଆରିୟା ଗ୍ରୁପ ଫାଉଣ୍ଡେସନ ସିଏସ୍‌ଆର୍ କାର୍ଯ୍ୟକ୍ରମରେ ବଡବିଲ ସରସ୍ୱତୀ ଶିଶୁ ମନ୍ଦିର ଏବଂ ଗୁରୁ ନାନକ ଖଲସା ହାଇସ୍କୁଲରେ ମିନି ସାଇନ୍ସ ସେଣ୍ଟରକୁ ସୋମବାର ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଫଳରେ ଛାତ୍ରଛାତ୍ରୀ ବିଜ୍ଞାନ ପଢିବା ପ୍ରତି ଆଗ୍ରହ ବଢିବ। ଉଦ୍‌ଘାଟନୀ ଉତ୍ସବରେ ବଡବିଲ କଲେଜ ଅଧ୍ୟକ୍ଷ ବନମାଳୀ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ବିକାଶ ସୌରଗୀ, ବଡବିଲ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ଡମ୍ବରୁଧର ମହାନ୍ତ, ଗୁରୁ ନାନକ ଖଲସା ହାଇସ୍କୁଲର ଅଧ୍ୟକ୍ଷ ମନୋଜ କୁମାର ଝା, ଆରିୟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀର ୟୁନିଟ ହେଡ ସୁରଜ ପ୍ରସାଦ, ଏଜିଏମ ଏଚ୍‌ଆର ପ୍ରଦ୍ୟୁମ୍ନ ବିଦ୍ୟାଧର, ସିନିୟର ଜିଏମ କର୍ପୋରେଟ ଆଫାୟାର୍ସ ଏବଂ କମର୍ସିଆଲ ପରଭେଜ ପାଣ୍ଡେ, ସିଏସ୍‌ଆର୍ ଡେପୁଟୀ ମ୍ୟାନେଜର ଦୀପକ କୁମାର ସାହୁ, ବିଭୁତି ଭୂଷଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ବିଷୟ ଗୁଡିକର ପ୍ରାକ୍ଟିକାଲ ଏବଂ ଥିଓରି ପିଲାମାନଙ୍କୁ ବୁଝାଇବା ପାଇଁ ଏହି କ୍ଷୁଦ୍ର ବିଜ୍ଞାନ କେନ୍ଦ୍ରରେ ଥିବା ବିଭିନ୍ନ ସାମଗ୍ରୀ ଏବଂ ପରୀକ୍ଷଣ ସାହାଯ୍ୟ କରିବ। ଏଥିପାଇଁ ଆରିୟା ଗ୍ରୁପ ଫାଉଣ୍ଡେସନର ତୃପ୍ତି ଆରିୟାଜୀ, ଡାଇରେକ୍ଟର ପୁନିତ ଆରିୟାଜୀ ଏବଂ ଅନ୍ୟ ସଦସ୍ୟମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ବୃଦ୍ଧିଜୀବୀଙ୍କ ତରଫରୁ ଧନ୍ୟବାଦ ଦିଆଯାଇଛି।

# ବାପୁଜୀ ନୋଡ଼ାଲ ଉ.ପ୍ରା ବିଦ୍ୟାଳୟ ଗୋପାଳପୁରକୁ ଛାତ୍ରଛାତ୍ରୀଙ୍କ ପ୍ରବେଶ

ଚଣ୍ଡିଖୋଲ, (ପି.ଏନ୍): ଚଣ୍ଡିଖୋଲ ସନ୍ନିକଟ ଗୋପାଳପୁରସ୍ଥିତ ବାପୁଜୀ ନୋଡ଼ାଲ ଉ.ପ୍ରା ବିଦ୍ୟାଳୟକୁ ଆଜି ଶିକ୍ଷା ଗ୍ରହଣ ପାଇଁ ଛାତ୍ରଛାତ୍ରୀମାନେ ପ୍ରବେଶ କରିଛନ୍ତି। କୋଭିଡ୍ ନିୟମାନୁସାରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ସ୍କୁଲ କଲେଜକୁ ବନ୍ଦ କରିଥିଲେ। ସୌଭାଗ୍ୟର ବିଷୟ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଆଜି ୨୮ ତାରିଖ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବାପୁଜୀ ନୋଡ଼ାଲ ଉ.ପ୍ରା ବିଦ୍ୟାଳୟରେ ପ୍ରବେଶ କରିଛନ୍ତି। ଉକ୍ତ ସ୍କୁଲର ପରିଚାଳନା କମିଟି ସଭାପତି ତ୍ରିଲୋଚନ ବେହେରା, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ମହାପାତ୍ର, ରାଜଶ୍ରୀ ରଥ, ଗୀତାଞ୍ଜଳୀ ସାହୁ, ଲକ୍ଷ୍ମୀପ୍ରିୟା ଘଡ଼େଇ, ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା, ଦେବଯାନୀ ପାଣି, ଝରଣା ପଣ୍ଡା, ବୈଜୟନ୍ତୀ ସାହୁ ଅଧ୍ୟୟନ ରତ ଛାତ୍ରଛାତ୍ରୀମାନଙ୍କୁ ସାନିଟାରାଇଜ୍ କରାଇ ମସ୍ତକରେ ଚନ୍ଦନ ଲଗାଇ ଓ ଫୁଲ ଦେଇ ପାଛୋଟି ଆଣିଥିଲେ।

# ସେବାରୁ ନିବୃତ ହେଲେ ବେଗୁନିଆ ଭାରପ୍ରାପ୍ତ ଅନୁନିବନ୍ଧକ




ଖୋର୍ଦ୍ଧା, (ପିଏନ): ବେଗୁନିଆ ଅନୁନିବନ୍ଧକ କାର୍ଯ୍ୟାଳୟ ପରିସରରେ ଆଜି ସଂନ୍ଧ୍ୟାରେ ଭାରପ୍ରାପ୍ତ ଅନୁନିବନ୍ଧକ ସନାତନ ଆଚାର୍ଯ୍ୟଙ୍କ ସେବା ନିବୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଡ଼ିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥି, ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱତନ୍ତ୍ର ଅତିଥି, ଶିକ୍ଷାବିତ ରାଜ କିଶୋର ପାଣିଗ୍ରାହୀ ମୁଖ୍ୟବକ୍ତା, ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥି, ବାଘମାରି ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ ,ଶିକ୍ଷାବିତ ବ୍ରହ୍ମାନନ୍ଦ ରାଜଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସେବାରୁ ନିବୃତ ଅନୁନିବନ୍ଧକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ ।

# କେନ୍ଦ୍ରାପଡ଼ା ପୌରାଞ୍ଚଳର ୧୭ନଂ ୱାର୍ଡରେ ଲୁଲୁଙ୍କ ପ୍ରଚାର

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ପୌରନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ବହୁ ପ୍ରାର୍ଥୀ କାଉନସିଲର ପଦ ପାଇଁ ଆଶାୟୀ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏହି ନିର୍ବାଚନ ପାଇଁ ଆଶାୟୀମାନେ ସରକାରୀ ଦଳରୁ ଟିକେଟ ପାଇବା ପାଇଁ ଲବି ଆରମ୍ଭ କରିଦେଲେଣି । କେନ୍ଦ୍ରାପଡା ପୌରାଞ୍ଚଳରେ ଆଶାୟୀଙ୍କ ତାଲିକା ଲମ୍ବିବାରେ ଲାଗିଛି । ତେବେ ଏହି ପୌରାଞ୍ଚଳର ଚର୍ଚ୍ଚିତ ୧୭ନଂ ୱାର୍ଡରେ ପ୍ରାର୍ଥୀ ହେବା ପାଇଁ ସେହି ୱାର୍ଡର ପୂର୍ବତନ ପୌର ସଦସ୍ୟା ଅନିତା ସିଂଙ୍କ ସାନଭାଇ ଲୁଲୁ ଓରଫ୍ ପ୍ରସନ୍ନଜିତ୍ ସିଂଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି । ଜଣେ ପରୋପକାରୀ ଯୁବନେତା ଭାବେ ଲୁଲୁ ବିଭିନ୍ନ ସମୟରେ ସମାଜସେବାରେ ସାମିଲ ହୋଇ ଲୋକଙ୍କ ସେବା କରିଛନ୍ତି। ଏହି ୱାର୍ଡର ଅନ୍ୟ ଆଶାୟୀମାନଙ୍କ ମଧରେ ଲୁଲୁ ଆଗରେ ରହିଥିବା ଦେଖାଯାଇଛି ।

# ପୁଣ୍ୟାତ୍ମା ମହିଳାଙ୍କ ବିୟୋଗରେ ଶୋକ

ଚଣ୍ଡିଖୋଲ, (ପି.ଏନ୍):ଚଣ୍ଡିଖୋଲ ଛକ ସନ୍ନିକଟ କ୍ଷେତ୍ରପାଳ ଗ୍ରାମର ଆଦର୍ଶ ପ୍ରଧାନ ଶିକ୍ଷକ ୰ ଯଦୁନାଥ ଖଣ୍ଡାୟୀଙ୍କ ଧର୍ମପତ୍ନୀ ହରପ୍ରିୟା ଖଣ୍ଡାୟୀ(୮୦) ଗତକାଲି ତାଙ୍କ କ୍ଷେତ୍ରପାଳସ୍ଥ ବାସ ଭବନରେ ପରଲୋକ ଗମନ କରିଛନ୍ତି। ସ୍ୱର୍ଗତା ଖଣ୍ଡାୟୀଙ୍କ ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବା ସଂଗେ ସଂଗେ ଉକ୍ତ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ପରୋପକାରୀ, ଧର୍ମପରାୟଣା, ମିଷ୍ଟଭାଷୀ ତଥା ଆଦର୍ଶ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ସମ୍ବାଦ ପାଇ ପ୍ରେସ୍ କ୍ଲବ୍ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡ଼ା, ଅଭିମନ୍ୟୁ ଧଳ, ଶିବରାମ ସାହୁ, ସରପଂଚ ଫକୀର ନାରାୟଣ ମିଶ୍ର, ପ୍ରାକ୍ତନ ସମିତି ସଭ୍ୟ ଯତିନ୍ଦ୍ର ମହାପାତ୍ର, ଦେବଦତ ମହାପାତ୍ର, ବରିଷ୍ଠ ଶିକ୍ଷକ ନେତା କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଲୋକନାଥ ସେନାପତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ମୃତ୍ୟୁଶର୍ଯ୍ୟା ନିକଟରେ ୪ ପୁତ୍ର, ପୁତ୍ର-ବଧୂ, ନାତି-ନାତୁଣୀ ତଥା ସମସ୍ତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଂଶାନରେ ଶେଷକୃତ୍ୟ ସମ୍ପନ କରାଯାଇଥିଲା। ତାଙ୍କର ମଧ୍ୟମ ପୁତ୍ର ପ୍ରଶାନ୍ତ କୁମାର ଖଣ୍ଡାୟୀ ମୁଖାଗ୍ନି ଦେଇଥିଲେ।


## AFFIDAVIT

By Virtu of an Affidavit sworn before the court of Executive Magistrate, Dhenkanal, I Santosh Kumar Senapati, aged 50 years, S/o.late Ghana Senapati, resident of Meena Bazar, Kumbhar sahi, P.S.Town, P.O./ Dist.Dhenkanal dohereby solemnly affirm and declare as follows. That, I am the natural born son of Ratnakar Behera and Nalini Behera, and was a permanent resident by birth of village P.O.Govindpur P.S.Sadar, Dist.Dhenkanal and acordingly my name Santosh Kumar Behera found in my educational certificates, service records and Bank Account also. That, vide one Adoption Deed dt.17.12.93 vide Deed No.73 executed before the District Sub-Registrar, Dhenkanal I have been adopted as son of late Ghana Senapati and late Dukhi Senapati of Meena Bazar, Dhenkanal (Kumbharsahi) and since then I have been known for all legal purposes as Santosh Kumar Senapeti, son of late Ghana Senapati of Meena Bazar, Kumbharsahi, Dhenkanal and the same found in my Voter Identity card and Aadhaar Card also. That, both santosh Kumar Behera and Santosh Kumar Senapati, are two names of myself with different surnames and the same are of one and same identity person and excepting myself there is or was no other person in Your locality having the above two names. That, to avoid future litigation I want to be known wtih any present name such as Santosh Kumar Senapati instead of Santosh Kumar Behera. Hence this affidavit.That the contents made above are true and correct to the best of my knowledge and belief.

**Santosh Kumar Senapati, Deponent**


# କୂଅ ଭିତରେ ଦଉଡି ଦେଇ ଯୁବତୀର ଆତ୍ମହତ୍ୟା

ଢେଙ୍କିକୋଟ,(ପି.ଏନ):ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମହୁଲଗାଡିଆ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଉକ୍ତ ଗ୍ରାମର ତୁରଙ୍ଗ ନାଏକଙ୍କ ଘରେ ଆଜକୁ ୧୦/୧୨ଦିନ ହେବ ଢେଙ୍କିକୋଟ ନିକଟବର୍ତ୍ତୀ କେତାଙ୍ଗ ଗ୍ରାମର ଦଶରଥ ଦାସଙ୍କ ଝିଅ ଜାଇଫୁଲ(୨୪) ଆସି ରହିଥିଲେ । ଜାଇଫୁଲ ତୁରଙ୍ଗର ପୁଅକୁ ଭଲ ପାଉଥିବା ବେଳେ ପ୍ରେମିକ କଟକରେ ରହୁଥିଲେ । ତେବେ ଆଜି ଘର ପାଖରେ ଥିବା ଖୋଲା କୂଅରେ ସକାଳେ ଜାଇଫୁଲ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଝିଅ ଘରକୁ ଖବର ଦେଇ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି ।

# ୨ନଂ ଜୋନ୍‌ରେ ବିଜେଡିର ବାଜିମାତ୍

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲାପରିଷଦ ଭାବେ ଜିତେନ୍ଦ୍ର ସାମଲ ବିଜୟୀ ହୋଇଛନ୍ତି । ଏହି ଜୋନ୍‌ରେ ୬ଗୋଟି ପଂଚାୟତ ରହିଥିବା ବେଳେ ଜିତେନ୍ଦ୍ର ସାମଲଙ୍କୁ ୧୦,୫୪୨ ଭୋଟ୍ ମିଳିଥିଲା । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ପୁଷ୍ପାଳୀ ପୃଷ୍ଟିଙ୍କୁ ୭,୯୭୩ଖଣ୍ଡ ଭୋଟ୍ ମିଳିଥିଲା । ସେହିପରି କଂଗ୍ରେସର ବିଷ୍ଣୁପ୍ରସାଦ ସାହୁଙ୍କୁ ୩,୯୪୫ଖଣ୍ଡ ଭୋଟ୍ ମିଳିଥିଲା। ବିଜେଡିର ଜିତେନ୍ଦ୍ର ସାମଲ ୨,୫୬୯ଖଣ୍ଡ ଖଣ୍ଡ ଭୋଟରେ ବିଜୟୀ ହୋଇଥିବା ବେଳେ ୭୦୦ ଭୋଟ୍ ନାକଚ ହୋଇଥିବା ଜଣାପଡିଛି ।

# ପୁନଃ ଭୋଟ୍ ଗଣତି ଦାବିରରେ ପରାଜିତ ସରପଞ୍ଚ ପ୍ରାର୍ଥୀଙ୍କ ଧାରଣା

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ପଢିଆରୀପଲ୍ଲୀ ପଂଚାୟତରେ ପୁନଃ ଭୋଟ ଗଣତି ଦାବିରେ ପରାଜିତ ସରପଂଚ ପ୍ରାର୍ଥୀ ନିରୂପମା ପାତ୍ର ଓ ତାଙ୍କର ଶତାଧିକ ସମର୍ଥକ ପଂଚାୟତ ସମ୍ମୁଖରେ ଧାରଣାରେ ବସିଛନ୍ତି । ଭୋଟ୍ ଗଣତିରେ ଅନିୟମିତତା ଅଭିଯୋଗ କରିବା ସହ ପୁନଃ ଗଣତି ଦାବିରେ ୨୬ଖଣ୍ଡ ଭୋଟ୍‌ରେ ହାରିଥିବା ସରପଂଚ ପ୍ରାର୍ଥୀ ନିରୂପମା ପାତ୍ର ଓ ତାଙ୍କର ଶତାଧିକ ସମର୍ଥକ ପଂଚାୟତ ସମ୍ମୁଖରେ ଧାରଣାରେ ବସିଛନ୍ତି । ସେମାନଙ୍କର ଅଭିଯୋଗ ଯେ ଭୋଟ୍ ଗଣିତ ସମୟରେ ବିଜୟୀ ପ୍ରାର୍ଥୀଙ୍କ ଜଣେ ସମ୍ପର୍କୀୟ ଯେକି ବ୍ଲକ କାର୍ଯ୍ୟାଳୟର ଜଣେ କର୍ମଚାରୀ, ସେ ଭିତରକୁ ଯାଇ ଗଣତିରେ ଏପଟ ସେପଟ କରିଛନ୍ତି । ନିରୂପମାଙ୍କ ଏଜେଣ୍ଟମାନେ ଏହାକୁ ବିରୋଧ କରିଥିଲେ ବି କେହି ଏହାକୁ ଶୁଣି ନଥିଲେ । ନିରୂପମା ପୁନଃ ଗଣତି ପାଇଁ ବିଡିଓଙ୍କ ନିକଟରେ ଦାବି କରିଥିଲେ ବି ସେ ଏହାକୁ ଆଗ୍ରାହ୍ୟ କରି ଦେଇଛନ୍ତି । ଏହାକୁ ନେଇ ଆଜି ନିରୂପମା ପାତ୍ର ଓ ତାଙ୍କର ଶତାଧିକ ସମର୍ଥକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

# ୩୪ନଂ ଜୋନରେ ବିଜେପି ପ୍ରାର୍ଥୀଙ୍କୁ ହରାଇ ବିଜେଡି ଗଡ ଜୟ କଲା

ହାଟଡିହି,(ପି.ଏନ): ହାଟଡିହି ବ୍ଲକର ୩୪ନଂ ଜୋନର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି । ଏଥିରେ ବିଜେଡି ଜିଲାପରିଷଦ ସଭ୍ୟ ଭାବେ ସୋମନାଥ ଦାସ ନିର୍ବାଚିତ ହୋଇଛନ୍ତି । ୭ଟି ପଂଚାୟତକୁ ନେଇ ଗଠିତ ହୋଇଥିବା ଜୋନର ସୋସୋ, ବାଲିବରେଇ, ଧର୍ନୁଜୟପୁର, ହଦଗଡ, କେ-ବାଲିପାଳ, ପଢ଼ିଆରୀପଲ୍ଲୀ , ବାଙ୍ଗୋର ପଂଚାୟତ ଗୁଡିକରେ ମୋଟ ୨୩୧୨୩ ଜଣ ଭୋଟର ମତଦାନ କରିଥିଲେ । ସେଥିମଧ୍ୟରୁ ବିଜେଡି ସୋମନାଥ ଦାସ ୧୧୩୧୫ ଖଣ୍ଡ ଭୋଟ ପାଇଥିବାବେଳେ ବିଜେପି ପ୍ରାର୍ଥୀ ବିବେକାନନ୍ଦ ରାଉତ ୯୭୪୦ ଭୋଟ ପାଇଥିଲେ । କଂଗ୍ରେସ ପ୍ରାର୍ଥୀ ସୁରଥ ମହାକୁଡ଼୧୪୯୪ ଖଣ୍ଡ ଭୋଟ ପାଇଥିଲେ । ୭୪୩ ଖଣ୍ଡ ଭୋଟ ନାକଚ ହୋଇଥିଲେ । ବିଜେପି ପ୍ରାର୍ଥୀକୁ ବିଜେଡି ପ୍ରାର୍ଥୀ ସୋମନାଥ ଦାସ ୧୫୭୫ ଖଣ୍ଡ ଭୋଟ ରେ ହରାଇ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଥିଲା। ପୂର୍ବରୁ ବିଜେପି ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ । ସୋମନାଥ ଦାସଙ୍କ ଚାଣକ୍ୟ ନିତି ଏବଂ ସାଥି ଜୁଲୁ ଆଇଚ , ବାବୁଲି ଲେଙ୍କା , ନରହରି ପାତ୍ର , ଚିନ୍ମୟ ପେଡ଼ା , ଗୌରାଙ୍ଗ ସାମଲ, ଚିନ୍ତା ମହାନ୍ତି ଏବଂ ପ୍ରତି ଗାଁର ସମର୍ଥକ ଙ୍କ ନେତୃତ୍ୱରେ ବିଜେଡିର ଜିଲାସ୍ତରୀୟ କର୍ମକତା ଓ ବିଧାୟକଙ୍କର ପରାମର୍ଶରେ ଏଭଳି ବିଜୟ କରିବାରେ ସଫଳ ହୋଇଥିବା ଆଲୋଚିତ ହେଉଛି ।

# ଆନନ୍ଦପୁର ବ୍ଲକର ଦ୍ୱିତୀୟ ପର୍ଯ୍ୟାୟରେ ୬ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ଭୋଟ୍ ଗଣତି ଶେଷ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗଣତି ଶେଷ ହୋଇଥିବା ବେଳେ କଣ୍ଟିପାଳର ସ୍ୱାଧୀନ ପ୍ରାର୍ଥିନୀ ପଦ୍ମିନୀ ନାୟକ ୨୩୭୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସାବିତ୍ରୀ ନାୟକ ୧୮୪୮ ଖଣ୍ଡ ଭୋଟ ପାଇଥିଲେ । ପଦ୍ମିନୀ ନାୟକ ୫୨୫ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । କାଠକଟା ପଂଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଚିତ୍ରାନାଥ ଜେନା ୧୬୯୮ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ହରନାଥ ହୋ ୧୨୦୭ଖଣ୍ଡ ଭୋଟ୍ ପାଇଛନ୍ତି । ବିଚିତ୍ରାନାଥ ଜେନା ୪୯୧ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ତରତରା ଗ୍ରାମ ପଂଚାୟତର ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥିନୀ ତୃପ୍ତିରେଖା ସାମଲ ୨୫୩୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରୀତିଲତା ଜେନା ୧୫୫୮ଖଣ୍ଡ ଭୋଟ୍ ପାଇଥିବା ବେଳେ ୯୭୨ ଖଣ୍ଡ ବ୍ୟବଧାନରେ ତୃପ୍ତିରେଖା ସାମଲ ବିଜୟୀ ହୋଇଛନ୍ତି । ଶାଳବଣୀ ଗ୍ରାମ ପଂଚାୟତର ସୁବାସିନୀ ମିଶ୍ର ୧୬୭୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥିନୀ ଲୀଳାବତୀ ନନ୍ଦୀ ୧୫୭୫ଖଣ୍ଡ ଭୋଟ୍ ପାଇଥିବା ବେଳେ ୧୦୩ ଖଣ୍ଡ ଭୋଟ ବ୍ୟବଧାନରେ ସୁବାସିନୀ ବିଜୟୀ ହୋଇଛନ୍ତି । ମୋଚିନ୍ଦା ଗ୍ରାମ ପଂଚାୟତର ପ୍ରାଣ କୁମାର ମଲ୍ଲିକ ୧୭୮୪ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ୧୨୬୦ ଖଣ୍ଡ ଭୋଟ ପାଇଛନ୍ତି । ୫୨୫ ଖଣ୍ଡ ଭୋଟ ପାଇ ପ୍ରାଣକୁମାର ମଲ୍ଲିକ ବିଜୟୀ ହୋଇଛନ୍ତି । ବାଉଁଶଗଡ ଗ୍ରାମ ପଂଚାୟତର ବାଉଁଶଗଡ ବିକାଶ ମଞ୍ଚର ସରସ୍ୱତୀ ସେଠୀ ୧୯୩୨ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେଡି ସମର୍ଥିତ ସଂଯୁକ୍ତା ସେଠୀ ୧୫୯୧ ଖଣ୍ଡ ଭୋଟ ପାଇଛନ୍ତି । ବାଉଁଶଗଡ ବିକାଶ ମଞ୍ଚର ସରସ୍ୱତୀ ସେଠୀ ୩୪୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ଆନନ୍ଦପୁର ବ୍ଲକର ପଂଚାୟତ ସମିତିସଭ୍ୟ ଭାବେ କଣ୍ଟିପାଳର ଭଗବାନ ବେହେରା ୨୪୧୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ କାଠକଟା ସମିତିସଭ୍ୟ ଭାବେ ରୀନା ଗିରି ୧୬୧୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ତରତରା ସମିତିସଭ୍ୟ ଭାବେ ଅରବିନ୍ଦ ପାତ୍ର ୧୯୩୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଶାଳବଣୀ ପଂଚାୟତ ସମିତିସଭ୍ୟ ଭାବେ ପୂର୍ଣ୍ଣଚନ୍ଦ୍ର ଦାସ ୧୬୩୬ ଖଣ୍ଡ ଭୋଟ୍ ଭୋଟ ପାଇ ବିଜୟୀ ହୋଇଛନ୍ତି । ମୋଚିନ୍ଦା ପଂଚାୟତ ସମିତିସଭ୍ୟ ଭାବେ ସଦାଶିବ ବେହେରା ୧୬୧୩ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ବାଉଁଶଗଡ ସମିତିସଭ୍ୟ ଭାବେ ମାନସ ରନ ନାୟକ ୧୮୨୪ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



# ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday March 01 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୦୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



ଆନନ୍ଦପୁର,(ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜାତୀୟ ବିଜ୍ଞାନ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡକ୍ଟର ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଡକ୍ଟର ଦିବ୍ୟଲୋଚନ ଭୂୟାଁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବନ୍ୟପ୍ରାଣୀ ବିଭାଗର ଡିଏଫ୍ଓ ଅଜିତୁ କୁମାର ଶତପଥି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଡକ୍ଟର ନାରାୟଣ ମିଶ୍ର, ବକ୍ତା ଭାବେ ଡକ୍ଟର ସୁବ୍ରତ କୁମାର ମହାନ୍ତ, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜାତୀୟ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ, ସାର ସି.ଭି. ରମଣଙ୍କ ଜୀବନୀ ଏବଂ ତାଙ୍କ ଦ୍ୱାରା ଆବିଷ୍କୃତ ରମଣ ପ୍ରଭାବ ଏବଂ ଦୈନଦିନ ଜୀବନରେ ତାହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ସଭା ଆରମ୍ଭରେ ପ୍ରଧାପକ ଡକ୍ଟର ନିମାଇଁ ଚରଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାପକ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ବିଜ୍ଞାନ କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ସୀମାରାଣୀ ଯେନା, ଡାଇନା ଦାସ, ବର୍ଷାରାଣୀ ସାହୁ, ଦେବଲକ୍ଷ୍ମୀ ବେହେରା, ଓମ୍‌ପ୍ରକାଶ ବାରିକ, ପ୍ରକାଶ କୁମାର କରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ପ୍ରଧାପକ ନାରାୟଣ ସାହୁ, ନୀଳକଣ୍ଠ ମଣ୍ଡଳ, ମାୟାଧର ନାଏକ, ଶିବଶରଣ ବେହେରା, ପ୍ରଧାପକ ପ୍ରଦୀପ ଧଳ, ବିଶ୍ୱରଞ୍ଜନ ସାହୁ, ଓଜେଲ ପଟ୍ଟନାଏକ, ଅନନ୍ତ ଚରଣ ମହାନ୍ତି, ଅନୀତା ଦାଶ, ଭାରତୀ ସାହୁ, ମନୋରମା ନାଏକ, ସ୍ଥିତପ୍ରଜ୍ଞା ଯେନା, ସୁରତି ସମ୍ପନ୍ନା ସ୍ୱାଇଁ, ମମତାରାଣୀ ମିଶ୍ର, ତନୁଶ୍ରୀ ପଣ୍ଡା, ମନୋଜ ନାଏକ, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ପାର୍ଥସାରଥି ବେଜ ତଥା ବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀ ଉପସ୍ଥିତ ଥିଲେ ।

## ପାରାଦୀପ ବନ୍ଦରକୁ ‘ପୋର୍ଟ ଅଫ ଦି ଇୟର’ ସମ୍ମାନ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରକୁ ଅଣ-କଣ୍ଟେନର୍ ପଣ୍ୟ କାରବାର ବର୍ଗରେ ’ପୋର୍ଟ ଅଫ ଦି ଇୟର’ ସମ୍ମାନରେ ପୁରସ୍କୃତ କରାଯାଇଛି । ଫେବୃଆରୀ ୨୪ ତାରିଖରେ କଲିକତାରେ ଇଷ୍ଟର୍ଣ୍ଣ ଷ୍ଟାର ଆୱାର୍ଡ ୨୦୨୨ ଅବସରରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଡିଟିଏମ୍ ଶ୍ରୀମନ ନାରାୟଣ ମିଶ୍ର ସିପିଙ୍ଗ୍ କର୍ପୋରେସନ ଅଫ ଇଣ୍ଡିଆର ସିଏମ୍‌ଡି ଶ୍ରୀମତୀ ଏଚ୍.କେ. ଯୋଶୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରନାଦ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଏହି ସମ୍ମାନ ବନ୍ଦର ଶିଳ୍ପରେ କାର୍ଯ୍ୟକ୍ଷମତା ପାଇଁ ନୂତନ ମାନଦଣ୍ଡ ସ୍ଥିର କରିବା ଦିଗରେ ବନ୍ଦରର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରିବା ସହିତ ଆଗାମୀ ଦିନରେ ପାରାଦୀପ ବନ୍ଦର ଉଚ୍ଚ ସଫଳତା ପାଇଁ ସମସ୍ତ କର୍ମଚାରୀ ଓ ହିତାଧିକାରୀଙ୍କୁ ସର୍ବୋତ୍ତମ ପ୍ରୟାସ ଜାରି ରଖିବାକୁ ଅନୁରୋଧ କରିଛନ୍ତି।

## ପ୍ରାଥମିକ ସ୍କୁଲ ଖୋଲିଲା ,ଛାତ୍ରଛାତ୍ରୀଙ୍କ ମନରେ ଖୁସିର ଲହରୀ




ବେଗୁନିଆ, (ପିଏନ): ରାଜ୍ୟରେ କରୋନା ମହାମାରୀ ରୋଗ ଦୁଇ ବର୍ଷ ଧରି ଭୟର ବାତାବରଣ ସୃଷ୍ଟି ହୋଇଥିବାରୁ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହୋଇଯାଇଥିଲା । ତେବେ ରାଜ୍ୟ ଗଣ ଶିକ୍ଷାମନ୍ତ୍ରୀ ସମୀର ଦାଶଙ୍କ ସୂଚନା ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ଫେବୃୟାରୀ ୨୮ ତାରିଖରେ ଖୋଲିବା ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏ ନେଇ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକର ମୁଖ୍ୟ ଫାଟକରେ ସୁ ସଜ୍ଜିତ ତୋରଣ ସହ ବିଦ୍ୟାଳୟ ପରିବେଶକୁ ପରିଷ୍କାର ପରିଚ୍ଛନ କରି ଦୀପ ଜାଳି ପରିଚ୍ାଳନା କମିଟିର ସଦସ୍ୟ, ଅଭିଭାବକ ଓ ସଚେତନ ନାଗରିକ ମାନେ ଉପସ୍ଥିତ ରହି କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ଫୁଲ ଓ ଚ୍ନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ପଞ୍ଚାୟତ କୋଲୁହାପଟଣା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲିଥିବାରୁ ପିଲାମାନେ ଉତ୍ସୁକତାର ସହ ପରିଷ୍କାର ପରିଚ୍ଛନ ହୋଇ କାନ୍ଧରେ ବ୍ୟାଗ, ମୁହଁରେ ମାସ୍କ ଓ ବିଦ୍ୟାଳୟରେ ପ୍ରବେଶ କରି ହାତରେ ସାନିଟାଇଜର ମାରି ବିଦ୍ୟାଳୟରେ ପ୍ରବେଶ କରି ସାଙ୍ଗ ସାଥିଙ୍କ ସହ ବିଦ୍ୟାଳୟ ପରିସରରେ ଖେଳିଥିଲେ ।ପରେ ଛାତ୍ରଛାତ୍ରୀ ମାନେ ଶ୍ରେଣୀ ଗୃହରେ ପଶି ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ନାଚ୍ ଓ ଗୀତରେ ସାଙ୍ଗସାଥି ମେଳରେ ସାମାଜିକ ଦୂରତ୍ୱରେ ବସି ପାଠପଢି ଆନନ୍ଦ ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାମୋହନ ପଣ୍ଡା,ପ୍ରଧାନ ଶିକ୍ଷକ ବସନ୍ତ ବେହେରା, ସହକାରୀ ଶିକ୍ଷକ ସୁଦର୍ଶନ ପଣ୍ଡା, ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା ଓ କଣ୍ଟାବାଡ଼ ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।


# ADMISSION OPEN

## MAHARISHI PUBLIC SCHOOL
STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE
- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

## MAHARISHI PLAY SCHOOL
PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015
PH : (0674) 2558884 2550786, 9348320060
E-mail : maharishipublic13@gmail.com, Website : www.maharishipublicschool.com


## ହାଟଡିହି ବ୍ଲକର ୭ଟି ପଂଚାୟତର ସରପଂଚ ଓ ସମିତି ସଭ୍ୟ ନାମ ଫଳାଫଳ ଘୋଷଣା

ହାଟଡିହି,(ପି.ଏନ): ନିର୍ବାଚନ ଶେଷ ହୋଇଥିବାବେଳେ ୨୬ ତାରିଖ ଠାରୁ ଗଣତି ଆରମ୍ଭ ହୋଇଛି । ଏହି ପରିପେକ୍ଷିରେ ହାଟଡିହି ବ୍ଲକର ୭ଟି ପଂଚାୟତର ସରପଂଚ , ସମିତିସଭ୍ୟ ଓ ଓାର୍ଡ ସଭ୍ୟମାନଙ୍କର ଫଳାଫଳ ଘୋଷଣା ହେଉଛି । ପଢ଼ିଆରୀପଲ୍ଲୀ ପଂଚାୟତର ଅଜିତ କୁମାର ରାଉତ ୧୩୫୧ ଖଣ୍ଡ ଭୋଟ ପାଇ ଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦି ନିରୁପମା ପାତ୍ର ୧୩୨୪ ଖଣ୍ଡ ଭୋଟ ପାଇଥିଲେ । ଅଜିତି କୁମାର ରାଉତ ୨୭ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇ ଥିବା ଘୋଷଣା କରାଯାଇଥିଲେ । ସେହିପରି ବାଲିବରେଇ ପଂଚାୟତରେ ହରପ୍ରିୟା ଦଣ୍ଡପାଟ (ଘଡେଇ) ୩୫୨୭ ଖଣ୍ଡ ଭୋଟ ପାଇ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି କମଳା ଜେନା ୬୯୮ ଖଣ୍ଡ ଭୋଟ ପାଇଥିଲେ । ହରପ୍ରିୟା ଘଡେଇ ୨୮୨୯ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ସୋସୋ ପଂଚାୟତର ରାଜକୁମାର ଦାସ ୧୩୫୧ ଖଣ୍ଡ ଭୋଟ ପାଇ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ଦେବେନ୍ଦ୍ର ପଣ୍ଡିତ ୧୧୯୯ ଖଣ୍ଡ ଭୋଟ ପାଇଥିଲେ । ରାଜ କୁମାର ଦାସ ୧୫୨ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ବାଙ୍ଗୋର ପଂଚାୟତ ଅଙ୍କିତା ପଢ଼ିଆରୀ ୧୫୦୯ ଖଣ୍ଡ ଭୋଟ ପାଇ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ସୁପ୍ରଭା ରାଉତ ୧୨୪୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ଅଙ୍କିତା ପଢ଼ିଆରୀ ୨୬୮ ଖଣ୍ଡ ଭୋଟ ରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ହଦଗଡ ପଂଚାୟତର ନିରୁପମା ନନ୍ଦୀ ୧୨୯୦ ଖଣ୍ଡ ଭୋଟ ପାଇ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ଟିକି କିସ୍କୁ ୭୯୦ ଖଣ୍ଡ ପାଇ ପରାଜିତ ହୋଇଥିଲେ । ନିରୁପମା ନନ୍ଦୀ ୫୦୦ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ଧର୍ନୁଜୟପୁର ପଂଚାୟରେ ସର୍ଦାର ହୋ ୧୦୫୪ ଖଣ୍ଡ ଭୋଟ ପାଇ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ନିଳାସ୍ୱର ପଦୁରିଆ ୮୩୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ସର୍ଦାର ହୋ ୨୧୯ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । କେ-ବାଲିପାଳ ପଂଚାୟତର କୁନ୍ତଳା ନାଏକ ୯୮୧ ଖଣ୍ଡ ଭୋଟ ପାଇ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ଝରଣା ନାଏକ ୬୨୯ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । କୁନ୍ତଳା ନାଏକ ୩୫୨ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ସେହିପରି ସମିତି ସଭ୍ୟ ଭାବେ ଧର୍ନୁଜୟପୁର ସୁନାରାମ ଟୁଡୁ ୧୦୪୮ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦି ସଦା ହୋ ୯୯୭ ଖଣ୍ଡ ଭୋଟ ପାଇଥିଲା ସୁନାରାମ ଟୁଡୁ ୫୧ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ହଦଗଡ ର ସମିତି ସଭ୍ୟ ପାଇ ସୋନିଆ ହାସଦା ୧୩୪୬ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ ସବିତା କିସ୍କୁ ୭୨୨ ଖଣ୍ଡ ଭୋଟ ପାଇଥିଲେ । ସୋନିଆ ହାସଦା ୬୨୪ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ବାଙ୍ଗୋର ସମିତି ସଭ୍ୟ ଭାବେ ମନୋରମା ପଣ୍ଡା ୧୩୬୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ସାବିତ୍ରୀ ମହାରଣା ୧୩୧୬ ଖଣ୍ଡ ଭୋଟ ପାଇଥିଲେ । ମନୋରମା ପଣ୍ଡା ୪୯ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଥିଲେ । ପଢ଼ିଆରିପଲ୍ଲୀ ର ସମିତି ସଭ୍ୟ ପାଇ ସୁକାନ୍ତି ଗିରି ୧୫୫୩ ଖଣ୍ଡ ଭୋଟ ପାଇ ଥିବାବେଳେ ମମତା ରାଣୀ ପାତ୍ର ୧୩୫୭ ଖଣ୍ଡ ଭୋଟ ପାଇଥିଲେ । ସୁକାନ୍ତି ଗିରି ୧୯୬ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଛନ୍ତି । ବାଲିବରେଇ ର ସମିତି ସଭ୍ୟ ପାଇ ସିପ୍ରା ରାଣୀ ସେଠୀ ୯୪୯ ଖଣ୍ଡ ଭୋଟ ପାଇ ଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦି ଦମୟନ୍ତି ଜେନା ୨୫୪୬ ଖଣ୍ଡ ଭୋଟ ପାଇଥିଲେ । ଦମୟନ୍ତି ଜେନା ୧୫୯୭ ଖଣ୍ଡ ଭୋଟରେ ଆଗୁଆ ରହି ନିର୍ବାଚିତ ହୋଇଛନ୍ତି । ସୋସୋ ର ସମିତି ସଭ୍ୟ ପାଇ ଅରୁନ୍ଧାତ୍ରୀ ସେଣ ୨୨୧୯ ଖଣ୍ଡ ଭୋଟ ପାଇ ଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦି ଅନିତା ଖମାରୀ ୧୬୩୫ ଖଣ୍ଡ ଭୋଟ ପାଇଥିଲେ । ଅରୁନ୍ଧାତ୍ରୀ ୫୮୪ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିଲେ ।

### ବଡ଼ଚଣାର ତିନୋଟି ଜିଲା ପରିଷଦ ଜୋନରେ ବିଜେଡ଼ିର ବାଜିମାତ୍

ଚଣ୍ଡିଖୋଲ, (ପି.ଏନ୍):ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବଡ଼ଚଣାର ନିର୍ବାଚନ ମଣ୍ଡଳୀର ୧୬, ୧୭ ଓ ୧୮ ନମ୍ବର ଜୋନର ଭୋଟ ଗଣତିପରେ ବିଜେଡ଼ି ଦଳର ୧୬ ନମ୍ବର ଜୋନରେ ବିଜେଡ଼ି ପ୍ରାର୍ଥୀ ଯତିନ୍ଦ୍ର ପ୍ରସାଦ ନାୟକ ୧୫,୪୬୪ ଖଣ୍ଡ ଭୋଟ୍ ପାଇଁ ନିର୍ବାଚିତ ହୋଇଛନ୍ତି । ୧୭ ନମ୍ବର ଜୋନରୁ ବିଜେଡ଼ି ପ୍ରାର୍ଥୀ ଗଣେଶ୍ୱର ବରାଳ ୧୫,୨୬୫ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି । ୧୮ ନମ୍ବର ଜୋନରୁ ଶ୍ରୀମତୀ ସସ୍ମିତା ମହାନ୍ତି ବିଜେଡ଼ି ପ୍ରାର୍ଥୀ ଭାବେ ୧୬, ୭୨୭ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି । ୧୮ ନମ୍ବର ଜୋନରୁ ବିଜେପି ପ୍ରାର୍ଥୀ ଶ୍ରୀମତୀ ଦେବଯାନୀ ପ୍ରଧାନ ୧୧,୧୭୨ ଖଣ୍ଡ ଭୋଟ୍ ପାଇ ପରାଜିତ ହୋଇଛନ୍ତି । ୧୭ ନମ୍ବର ଜୋନରୁ ବିଜେପି ପ୍ରାର୍ଥୀ ଶ୍ରୀ ପ୍ରୀତମ କୁମାର ନାୟକ ୮,୮୮୦ ଖଣ୍ଡ ଭୋଟ୍ ପାଇ ପରାଜିତ ହୋଇଛନ୍ତି । ୧୬ ନମ୍ବର ଜୋନରୁ ବିଜେପି ପ୍ରାର୍ଥୀ ପବିତ୍ର କୁମାର ରାଉତ ୧୧,୬୧୪ ଖଣ୍ଡ ଭୋଟ୍ ପାଇ ପରାଜିତ ହୋଇଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଜନ ହିତକର କାର୍ଯ୍ୟକୁ ଆଧାର କରି ଜନ ସାଧାରଣ ଶଙ୍ଖ ଚିହ୍ନରେ ମୋହର ଦେଇ ବିଜେଡ଼ି ପ୍ରାର୍ଥୀଙ୍କୁ ଜିତାଇଛନ୍ତି । ଅଧିକନ୍ତୁ ଦେଖାଦେଇଛି ୩ଟି ଜୋନର ବିଜେଡ଼ି ସମର୍ଥିତ ସରପଂଚ ଓ ସମିତି ସଭ୍ୟ ପ୍ରାର୍ଥୀମାନେ କେତେକ ପଂଚାୟତରେ ପରାଜିତ ହୋଇଛନ୍ତି ବୋଲି ତାହା ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି ।

## ପାରାଦୀପରେ ବାପି ସର୍ଖେଲଙ୍କ ବିରାଟ ସାଧାରଣ ସଭା




ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ବାଲିଝରା ବସ୍ତିରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ(ପିଇଆଇଡିସି)ପକ୍ଷରୁ ଏକ ବିରାଟ ସାଧାରଣ ସଭା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ’ଆମ ପାରାଦୀପ ଆମ ପ୍ରଗତି’ ବିଚାରଧାରାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବସ୍ତି ମାନଙ୍କରେ ଜଳ, ଶିକ୍ଷା, ପରିମଳ, ନିଯୁକ୍ତି, ରାସ୍ତାଘାଟ, ଶବଦାହ ପାଇଁ ମସାଣି ଇତ୍ୟାଦି ସମସ୍ୟା ରହିଛି । ସୂଚନା ଥାଉକି ଏହି ସଂଗଠନ ପାରାଦୀପ ତଥା ଏହାର ଆଖପାଖ ଅଂଚଳରେ ବିଭିନ୍ନ ସମସ୍ୟାକୁ ନେଇ ତାର ସଂଗ୍ରାମ ଜାରୀ ରଖିଛି । କରୋନା ମହାମାରୀ ସମୟରେ ସଂଗଠନର ସଭାପତି ଅରିନ୍ଦମ ସର୍ଖେଲ(ବାପି)ଙ୍କ ନେତୃତ୍ୱରେ ସହର ଓ ବସ୍ତିରେ ସଂକ୍ରମିତଙ୍କ ପାଇଁ ମାଗଣା ଅମ୍ବୁଲାନ୍ସ ସେବା, ଡାକ୍ତରି ସୁବିଧା, ମଶାଧୂଆଁ ପ୍ରୟୋଗ ଇତ୍ୟାଦି ଅନେକ ଗୁଡିଏ ଲୋକହିତକର କାର୍ଯ୍ୟ କରି ବେଶ୍ ପ୍ରଶଂସିତ ହୋଇଛନ୍ତି । ତେବେ ଦୀର୍ଘଦିନର ମୁଖ୍ୟ ସମସ୍ୟା ଗୁଡିକର ନିବାରଣ ନିମନ୍ତେ ଆଗାମୀ ଦିନରେ ସେ ଏବଂ ତାଙ୍କ ସଂଗଠନ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବେ ବୋଲି ସମବେତ ଜନତାଙ୍କୁ ଏହି ସଭାରେ ନିଜ ବକ୍ତବ୍ୟରେ ପ୍ରତିଶୃତି ଦେଇଥିଲେ । ସଭା ପୂର୍ବରୁ ସର୍ଖେଲଙ୍କୁ ତାରିଣୀଗଡାର ତାରିଣୀ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଇଆଇଡିସି ସଂଗଠନର ସମୀର ବିଶ୍ୱାଳ, ଅନୁପ ସାହାଣୀ, ମନୋରମା ଖଟୁଆ, ଲପନ ପରିଡା, ଦେବବ୍ରତ ସାହୁ, କେଦାର ଦାସ, ଅଶୋକ ସାହୁ, ଅନନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray